Bhubaneswar- 19 June 2026
ଭୁବନେଶ୍ୱର- ୧୯ ଜୁନ୍ ୨୦୨୬
Vol- 1 Issue - 53
ଭାଗ- ୧ ସଂଖ୍ୟା- ୫୩
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

ଆସୁଛନ୍ତି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

- ଜନ୍ମମାଟିରେ ପାଳନ କରିବେ ଜନ୍ମଦିନ
- ସ୍ୱାଗତ ପାଇଁ ସଜେଇ ହେଉଛି ରାଇରଙ୍ଗପୁର
- ୧୦ ହଜାର କୋଟି ଟଙ୍କା ପ୍ରକଳ୍ପର ହେବ ଉଦ୍‌ଘାଟନ ଓ ଶିଳାନ୍ୟାସ

ରାଇରଙ୍ଗପୁର: ରାତି ପାହିଲେ ରାଇରଙ୍ଗପୁରରେ ପହଞ୍ଚିବେ ରାଷ୍ଟ୍ରପତି। ଦିନକ ପରେ ଜନ୍ମମାଟିରେ ପାଳିବେ ଜନ୍ମଦିନ । ସାମିଲ ହେବେ ପ୍ରଧାନମନ୍ତ୍ରୀ। ରାଷ୍ଟ୍ରପତିଙ୍କ ଗାଁ ବୁଲିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେବେ। ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଜୋରସୋରରେ ଚାଲିଛି ପ୍ରସ୍ତୁତି। ମୟୂରଭଞ୍ଜ ପାଇଁ ହେବ ଐତିହାସିକ ମୁହୂର୍ତ୍ତ । ଯୋଡ଼ି ହେବ ନୂଆ ଅଧ୍ୟାୟ। ରାଇରଙ୍ଗପୁରରେ ଏକାଠି ହେବେ ଦେଶର ଦୁଇ ଶୀର୍ଷ ନେତୃତ୍ୱ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ପାଳନ ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଦୁଇ ମୁଖ୍ୟଙ୍କ ସ୍ୱାଗତ ପାଇଁ ସଜେଇ ହେଲାଣି ରାଇରଙ୍ଗପୁର ସମେତ ପୂରା ମୟୂରଭଞ୍ଜ। ଲାଗିଲାଣି ସ୍ୱାଗତ ପୋଷ୍ଟର ଓ ହୋର୍ଡିଂ। ସମାବେଶ ପାଇଁ ପ୍ରସ୍ତୁତି ବି ଶେଷ ପର୍ଯ୍ୟାୟରେ । ଏବେ ଅପେକ୍ଷା ମାଟିର ଝିଅ ଓ ନବ ଭାରତର ନିର୍ମାତା ନରେନ୍ଦ୍ର ମୋଦୀଙ୍କୁ । ଶୁକ୍ରବାର ଅପରାହ୍ଣ ୩ଟା ୧୫ରେ ରାଇରଙ୍ଗପୁରରେ ପହଞ୍ଚିବେ ରାଷ୍ଟ୍ରପତି । ମହୁଲଡ଼ିହାସ୍ଥିତ ନିଜ ବାସଭବନରେ ରାତ୍ରିଯାପନ କରିବେ । ତାପର ଦିନ ଜନ୍ମମାଟିରେ ପାଳନ କରିବେ ଜନ୍ମଦିନ । ୨୦ ତାରିଖ ପୂର୍ବାହ୍ଣ ପ୍ରାୟ ୧୧ଟାରେ ପାହାଡ଼ପୁରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସ୍ୱାଗତ କରିବେ ରାଷ୍ଟ୍ରପତି । ସେଠାରୁ ଉଭୟ ପାହାଡ଼ପୁରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ। ପୂଜାସ୍ଥଳକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଦକ୍ଷତା ବିକାଶ କେନ୍ଦ୍ରକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିବେ । ଦୁଇ ରାଷ୍ଟ୍ରମୁଖ୍ୟଙ୍କ ଗସ୍ତ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିଛି ରାଇରଙ୍ଗପୁର ।ଏହି ଅବସରରେ ରାଜ୍ୟ ସରକାଙ୍କ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ୨ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗେ ଦେବେ। ରାଜ୍ୟବାସୀଙ୍କ ଆଗରେ ଡବଲ ଇଞ୍ଜିନ ସରକାରଙ୍କ ସଫଳତା ଗଣାଇବେ । ନିର୍ମାଣ ସରିଥିବା ବହୁ ପ୍ରକଳ୍ପର ଉଦଘାଟନ କରିବା ସହ ଅନେକ ନୂତନ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏମ୍ସର ସାଟେଲାଇଟ୍ ସେଣ୍ଟର, ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ, କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ, ଆଇଆଇଏଫ୍ଏମ୍, ୨ଟି ନବୋଦୟ ବିଦ୍ୟାଳୟ, ତୀରନ୍ଦାଜୀ ଏକାଡେମି ପାଇଁ ପ୍ରସ୍ତୁତି ସରିଛି ।

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

ଆମେରିକା-ଇରାନ ବୁଝାମଣା ପତ୍ର ସ୍ୱାକ୍ଷରିତ

ନୂଆଦିଲ୍ଲୀ: ଶେଷରେ ପ୍ରାୟ ୪ ମାସ ହେଲା ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଶାନ୍ତି ପ୍ରତିଷ୍ଠା ସହ ଆଲୋଚନା କରିବାକୁ ଆମେରିକା ଓ ଇରାନ ବିଧିବଦ୍ଧ ଭାବେ ହୋଇଛନ୍ତି ରାଜି। ଦୁଇ ଦେଶ ସାମରିକ ଉତ୍ତେଜନା ବନ୍ଦ କରିବାକୁ ରାଜି ହୋଇ ବୁଝାମଣା ପତ୍ରରେ କରିଛନ୍ତି ଦସ୍ତଖତ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ଇରାନ ପ୍ରତିପକ୍ଷ ମାସୁଦ ପେଜେସ୍କିଆନ ଡିଜିଟାଲ ଉପାୟରେ ପ୍ରସ୍ତାବିତ ବୁଝାମଣା ପତ୍ରରେ ଦସ୍ତଖତ କରିଛନ୍ତି । ସେହିପରି ଆସନ୍ତାକାଲି ଜେନେଭାରେ ଦୁଇ ଦେଶର ପ୍ରତିନିଧି ଉପସ୍ଥିତରେ ହେବାକୁ ଥିବା ଦସ୍ତଖତ ସମାରୋହକୁ ମଧ୍ୟ ବାତିଲ କରାଯାଇଛି। ଯୁଦ୍ଧ ବନ୍ଦ ସହ ଶାନ୍ତି ଫେରାଇ ଆଣିବା ପାଇଁ ଚାଲିଥିବା କୂଟନୀତିକ ଉଦ୍ୟମ ଏହି ଘଟଣା ପରେ ସଫଳ ହୋଇଥିବା କୁହାଯାଉଛି। ଆମେରିକା ଓ ଇରାନୀୟ ଅଧିକାରୀଙ୍କ କହିବା କଥା ଯେ ବୁଝାମଣା ପତ୍ରକୁ ଡିଜିଟାଲ ଉପାୟରେ ଉଭୟ ଦେଶର ରାଷ୍ଟ୍ରପତି ବୁଧବାର କାର୍ଯ୍ୟକାରୀ କରିଛନ୍ତି। ଏହାପୂର୍ବରୁ ବୁଝାମଣା ପତ୍ରରେ ରବିବାର ଆମେରିକା ରାଷ୍ଟ୍ରପତି ଜେଡି ଭାନ୍ସ ଓ ଇରାନର ମୁଖ୍ୟ ବୁଝାମଣାକାର ମହମ୍ମଦ ବାକେର କାଲିବାଫ ଡିଜିଟାଲ ଉପାୟରେ ପ୍ରାରମ୍ଭିକ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ତୁରନ୍ତ କାର୍ଯ୍ୟକାରୀ ହୋଇଛି। ଏଥିଯୋଗୁ ଆସନ୍ତାକାଲି ସ୍ୱିଜରଲ୍ୟାଣ୍ଡରେ ହେବାକୁ ଥିବା ଔପଚାରିକ ସ୍ୱାକ୍ଷର ସମାରୋହ ବାତିଲ କରି ଦିଆଯାଇଛି। ଏହାବାଦ ରାଷ୍ଟ୍ରପତି ଟ୍ରମ୍ପ ଫ୍ରାନ୍ସର ଭର୍ସାଇ ପ୍ୟାଲେସରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାର୍କମଙ୍କ ଡିନର କାର୍ଯ୍ୟକ୍ରମ ପୂର୍ବରୁ ବୁଝାମଣା ପତ୍ରର ଗୋଟିଏ ହାର୍ଡ କପିରେ ମଧ୍ୟ ସ୍ୱାକ୍ଷର କରିଛନ୍ତି। ହ୍ୱାଇଟ୍ ହାଉସ ପକ୍ଷରୁ ଟ୍ରମ୍ପ ବୁଝାମଣା ପତ୍ରରେ ଦସ୍ତଖତ କରିବା ବେଳର ଭିଡିଓକୁ ସୋଶାଲ ମିଡିଆରେ ପୋଷ୍ଟ କରାଯାଇଛି ।ଇରାନୀୟ ଦୂତାବାସ ପେଜେସ୍କିଆନ ହାର୍ଡ କପିରେ ଦସ୍ତଖତ କରିଥିବା ସୂଚନା ଦେଇଛି। ଦୂତାବାସ ବୁଝାମଣାପତ୍ରର ଓ ଏଥିରେ ପେଜିସ୍କିଆନଙ୍କ ଦସ୍ତଖତ ଜନିତ ଫଟୋକୁ ମଧ୍ୟ ସାର୍ବଜନୀନ କରିଛି। ମାର୍କନଙ୍କ ସହ ଡିନର କରି ସାରିବା ପରେ ଟ୍ରମ୍ପ ବାହାରକୁ ଆସିଥିଲେ। ଏହି ସମୟରେ ସେ ଭର୍ସାଇରେ ଇରାନ ସହ ବୁଝାମଣା ପତ୍ର ବା ଏମଓୟୁରେ ଦସ୍ତଖତ କରିଥିବା ସାମ୍ବାଦିକମାନଙ୍କୁ ଜଣାଇଛନ୍ତି। ହ୍ୱାଇଟ୍ ହାଉସର ଜଣେ ଅଧିକାରୀଙ୍କ କହିବା କଥା ଯେ ଟ୍ରମ୍ପଙ୍କ ଦସ୍ତଖତ ଥିବା ଦସ୍ତାବିଜକୁ ଇରାନ ଓ ମଧ୍ୟସ୍ଥିତ ସାଜିଥିବା ଦେଶଗୁଡ଼ିକୁ ପଠାଇ ଦିଆଯାଇଛି। ଏଥିସହ ଚୁକ୍ତିରେ ଥିବା ବ୍ୟବସ୍ଥାକୁ ଔପଚାରିକ ଭାବେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ପ୍ରାୟ ଚାରି ମାସ ଧରି ଚାଲିଥିବା ସଂଘର୍ଷରେ ପୂର୍ଣ୍ଣଚ୍ଛେଦ ଟାଣିବା ଓ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବା ଏହି ବୁଝମାଣାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆମେରିକା କହିଛି। ଅନ୍ୟପକ୍ଷରେ ବୁଝାମଣାକାରୀ ଟିମ ଜେନେଭାରେ ବୈଠକ ପାଇଁ ପୂର୍ବ ଭଳି ଏକାଠି ହେବ। କିନ୍ତୁ କୌଣସି ଔପଚାରିକ ଦସ୍ତଖତ କାର୍ଯ୍ୟକ୍ରମ ସେଠାରେ ଆୟୋଜନ ହେବ ନାହିଁ। ଡିଜିଟାଲ୍ ଦସ୍ତଖତ ଶେଷ ହୋଇଥିବାରୁ ସ୍ୱିଜରଲ୍ୟାଣ୍ଡରେ କୌଣସି ଔପଚାରିକ ଦସ୍ତଖତ ସମାରୋହ ଅନୁଷ୍ଠିତ ହେବ ନାହିଁ ବୋଲି ଇରାନ ସ୍ପଷ୍ଟ କରିଛି।

ଦସ୍ତଖତ କଲେ ଟ୍ରମ୍ପ ଓ ପେଜେସ୍କିଆନ

ସୌମ୍ୟ ହତ୍ୟା ମାମଲା

ଏଡିଜି ଦୟାଲ ଗଙ୍ଗୱାର ସସପେଣ୍ଡ

ଭୁବନେଶ୍ୱର: ରେଲୱେ ପୁଲିସ କନେଷ୍ଟବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା ଘଟଣାରେ ରାଜ୍ୟ ସରକାର ଆଜି ପୁଣି ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୌମ୍ୟ ହତ୍ୟା ଘଟଣାରେ ବିବାଦଘେରରେ ଥିବା ଅତିରିକ୍ତ ପୁଲିସ ଡିଜି ଦୟାଲ ଗଙ୍ଗୱାରଙ୍କୁ ଆଜି ଚାକିରିରୁ ନିଲମ୍ବନ କରିଛନ୍ତି ସରକାର। ସରକାରଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ସିଧାସଳଖ ଏଡିଜି ଶ୍ରୀ ଗଙ୍ଗୱାରଙ୍କ ସମ୍ପୃକ୍ତିର ପ୍ରମାଣ ଦେଇଥିବାବେଳେ କ୍ରାଇମବ୍ରାଂଚ ତାଙ୍କୁ ଖୁବଶୀଘ୍ର ଗିରଫ କରିବାର ଆଶଙ୍କା ରହିଛି ବୋଲି ଜଣାପଡ଼ିଛି । ମଇ ୨୫ତାରିଖରେ ତାଙ୍କୁ କମ୍ୟୁନିକେସନ୍ ଏଡିଜି ପଦବୀରୁ ହଟାଇ ଗୃହ ବିଭାଗର ଓଏସଡି ଭାବେ ବଦଳି କରିଥିଲେ। ସୌମ୍ୟ ମୃତ୍ୟୁ ମାମଲାରେ କ୍ରାଇମବ୍ରାଂଚର ତଦନ୍ତ ରିପୋର୍ଟ ଓ ଏନଏଚଆରସିଙ୍କ ଚିଠି ପରେ ଶ୍ରୀ ଗଙ୍ଗୱାରଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଏଡିଜି ଶ୍ରୀ ଗଙ୍ଗୱାରଙ୍କୁ ଆଜି ଚାକିରିରୁ ନିଲମ୍ବନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଯଦିଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ କୌଣସି କାରଣ ଦର୍ଶାଯାଇ ନାହିଁ ତଥାପି ସୌମ୍ୟ ହତ୍ୟାକାଣ୍ଡ ଘଟଣାରେ ଶ୍ରୀ ଗଙ୍ଗୱାରଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବା ସୂଚନା ମିଳିଛି ।

ଦୀର୍ଘ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ରହିବା ଘଟଣା

୧୨୮ଜଣ ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର: ଦୀର୍ଘ ୫ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ଥିବା ୧୨୮ଜଣ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନଙ୍କ ବିରୁଦ୍ଧରେ ହେବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଆଜି ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେବା ସହ କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ସରକାରୀ ଚାକିରିରୁ ବହିଷ୍କୃତ କରିଛନ୍ତି। ଏହି ଡାକ୍ତରମାନେ ଦୀର୍ଘବର୍ଷ ଧରି ଅନଧିକୃତ ଭାବେ ସରକାରୀ ଚାକିରିରେ ଅନୁପସ୍ଥିତ ରହିଛନ୍ତି। ଏବେ ରାଜ୍ୟରେ ମୋଟ ଅନୁମୋଦିତ ଡାକ୍ତରୀ ପଦବୀର ପ୍ରାୟ ୩୦ପ୍ରତିଶତ ପଦବୀ ଖାଲି ପଡ଼ିଥିବାବେଳେ ଦୀର୍ଘବର୍ଷ ଧରି ଅନୁପସ୍ଥିତ ଥିବା ଡାକ୍ତରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାର ନୂଆ ଡାକ୍ତର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ ପାଇଁ ପ୍ରୟାସ କରୁଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ମେଡିକାଲ ଓ ମେଡିକାଲ କଲେଜ ଖୋଲୁଛନ୍ତି, ଏହାର ଆଧୁନିକୀକରଣ କରାଯାଉଛି। ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗନଦେଇ ଅନୁପସ୍ଥିତ ରହୁଛନ୍ତି। ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ଆଜି ସରକାରୀ ଚାକିରିରୁ ବହିଷ୍କୃତ କରିଛନ୍ତି ମୁଖ୍ୟମନ୍ତ୍ରୀ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ଓ କାର୍ଯ୍ୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହା ସେ ପାଳନ କରିନଥିବାରୁ ସରକାର ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି । ସେ ୨୦୧୨ ମସିହାରୁ ସରକାରୀ ଚାକିରିରେ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ୧୫୭୯୩ଟି ଡାକ୍ତର ପଦବୀ ରହିଛି, ସେଥିରେ ୮୭୯୩ଟି ନିୟମିତ ଡ୍ୟୁଟି ପଦବୀ ଓ ୭ହଜାର ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର (ଏଲଟିଆରଏମଓ) ପଦବୀ ସାମିଲ ଅଛି। ଏବେ ଏହି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ମଧ୍ୟରୁ ୯୮୨୬ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି ଓ ୫୯୬୭ଟି ପଦବୀ ସମ୍ପୂର୍ଣ୍ଣ ଖାଲି ପଡ଼ିଛି। ଅର୍ଥାତ୍ ରାଜ୍ୟରେ ପ୍ରାୟ ୩୦ ପ୍ରତିଶତ ଡାକ୍ତର ପଦବୀ ଏବେସୁଦ୍ଧା ପୂରଣ ନହୋଇ ପଡ଼ିରହିଛି।

ଲାଞ୍ଚ ନେଉଥିବା ବେଳେ ଫରେଷ୍ଟରଙ୍କୁ ମାଡିବସିଲା ଭିଜିଲାନ୍ସ ଟିମ୍

ପୁରୀ: ପୁରୀ ଜିଲ୍ଲା ଡେଲାଙ୍ଗ ଫରେଷ୍ଟ ରେଞ୍ଜ ର ଆଙ୍କୋଇ ଫରେଷ୍ଟର ରାକେଶ କୁମାର ପଣ୍ଡା ଜୈନିକ ଟ୍ରାକ୍ଟର ମାଲିକଙ୍କ ଠାରୁ ୨୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଟିମ ଘଟଣା ସ୍ଥଳରେ ଧରିଥିଲା। ଭିଜିଲାନ୍ସ ନିର୍ଦ୍ଦେଶାଳୟ ଓଡ଼ିଶା କଟକ ପକ୍ଷରୁ ଏକ ପ୍ରେସ ବାର୍ତ୍ତାରେ ଜଣାଇ ଦିଆଯାଇଛି ଯେ ଡେଲାଙ୍ଗ ଆଙ୍କୋଇ ଫରେଷ୍ଟର ଜୈନିକ ଟ୍ରାକ୍ଟର ମାଲିକଙ୍କୁ ଜଙ୍ଗଲ ରୋଡରେ ବିଭିନ୍ନ ସାମଗ୍ରୀ ନବା ଆଣିବା ପାଇଁ ଅନୁମତି ଦେବା ପାଇଁ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଟ୍ରାକ୍ଟର ମାଲିକ ଓଡ଼ିଶା ଭିଜିଲାନ୍ସଙ୍କୁ ଜଣାଇବା ପରେ ୨୫ ହଜାର ରଙ୍ଗବୋଳା ଟଙ୍କା ଦେଇ ଟ୍ରାକ୍ଟର ମାଲିକଙ୍କୁ ଦେଇ ଫରେଷ୍ଟରଙ୍କ ନିକଟକୁ ପଠାଇଥିଲେ। ଫରେଷ୍ଟର ଟ୍ରାକ୍ଟର ମାଲିକଙ୍କ ଠାରୁ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ ହାତରେ ଧରାପଡିଥିଲା ।ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ ନମ୍ବର ୧୧/୨୬ରେ ମାମଲା ରୁଜୁ ହୋଇଥିଲା। ସାକ୍ଷୀଙ୍କ ଉପସ୍ଥିତିରେ ଫରେଷ୍ଟରଙ୍କ ହାତ ଧୋଇବାରେ ହାତ ନାଲି ରଙ୍ଗ ହୋଇଥିଲା। ତାଙ୍କର ଆଙ୍କୋଇରେ ଥିବା ସରକାରୀ ବାସଭବନ ଓ ଖୋର୍ଦ୍ଧାରେ ଥିବା ବାସଭବନରେ ଚଢାଉ କରାଯାଇଥିଲା । ସେଠାରୁ ୧ ଲକ୍ଷ ୪୧ ହଜାର ଟଙ୍କା ଜବତ କରାଯାଇଥିଲା। ଶ୍ରୀପଣ୍ଡାଙ୍କୁ ଗିରଫ କରାଯାଇ କୋର୍ଟ ଫରୱାଡ କରାଯାଇଛି । ଏଥିସହ ଅଧିକ ତଦନ୍ତ ଜାରି ରହିଛି ।

ରଥ ନିର୍ମାଣର ୫୯ ତମ ଦିବସ

ତିନିରଥର ଅନ୍ଧାରୀ ତାଗ ବାଡ଼ିଆ କାର୍ଯ୍ୟ ଶେଷ

ସରିଲା ବଡ ଥଳ ପୋଟଳର ଝାଞ୍ଜ ସଳଖା
ନାଟ ଗୋଡ଼ ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ ଜାରୀ

ପୁରୀ : ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ । ଏଥିପାଇଁ ଚଳଚଞ୍ଚଳ ରଥଖଳା। ରଥଖଳାରେ ଦ୍ରୁତ ଗତିରେ ଆଗେଇ ଚାଲିଛି ତିନିରଥ ନିର୍ମାଣ କାର୍ଯ୍ୟ। ଗୁରୁବାର ରଥ ନିର୍ମାଣର ୫୯ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ବୁଧବାର ସୁଦ୍ଧା ତିନିରଥର ମୂଳ ଭୂଇଁ ରେ କଇଞ୍ଚି ପଡ଼ିବା ସହ ତିନିରଥ ଉପରେ ତାଗ ବଟନ୍ ବାଡ଼ିଆ ପରେ ପଟା ପଡ଼ିବା ଆରମ୍ଭ ହୋଇଥିଲା। ଗୁରୁବାର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ତିନିରଥ ସହଯୋଗୀ ମହାରଣା ଏବଂ ଭୋଇ ସେବକ ମାନେ ତିନିରଥର ଦ୍ୱିତୀୟ ଭୂଇଁ ବା ମଝି ଭୂଇଁ ଉଭୟ ପାର୍ଶ୍ୱରେ ଆଗ ଆଣି ପଛ ଆଣି ଅନ୍ଧାରୀ ତାଗ ବାଡ଼ିଆ ସହ ତିନିରଥ ଅଗ ଭୂଇଁ ରେ ସ୍ଥାପିତ ହୋଇଥିବା ବଡ଼ ଥଳ ପୋଟଳ ର ଝାଞ୍ଜ ସଳଖା କାର୍ଯ୍ୟ ଶେଷ କରିଛନ୍ତି। ରଥ ଗଡ଼ିବା ବେଳେ ନିର୍ମାଣ ହୋଇଥିବା ତିନି ଭୂଇଁ ଯେପରି ଆଗକୁ ଝୁଙ୍କି ନଯିବ ବା ଦୋହଲି ନଯିବ ସେଥି ପାଇଁ ଅନ୍ଧାରୀ ତାଗ ବାଡ଼ିଆ ଯାଇଥାଏ । ସେହିପରି ଶେଷ ଭୂଇଁ ଖମ୍ୱିରେ ସ୍ଥାପିତ ବଡ଼ ଥଳ ପୋଟଳ କୁ ସଳଖ କରି ରଖିବା ପାଇଁ ଆବଶ୍ୟକ ଦେଖି କଇଁଆ ବାଡ଼ିଆ କାର୍ଯ୍ୟ(ଝାଞ୍ଜ ସଳଖା) କାର୍ଯ୍ୟ ସମ୍ପନ୍ନ ହୋଇଅଛି। ଏଥିସହ ମହାରଣା ସେବକ ମାନେ ତିନି ରଥର କନକ ମୁଣ୍ଡି,ଅଁଳା ପିଣ୍ଡି, ଏବଂ ଛୋଟ କଳସ ପିଣ୍ଡି ନିର୍ମାଣ ଶେଷ କରିଛନ୍ତି। ଆଜି ତିନିରଥର ଦୁଆର ବେଢ଼ାକୁ ଧରି ରଖିବା ପାଇଁ ୪ ଟି ଲେଖାଏଁ ଧ୍ୱଜବତାରୁ ଦୁଇଟି ଲେଖାଏଁ ଧ୍ୱଜ ବତାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ତିନିରଥର ୨୦ ଫୁଟିଆ ଦୁଇଟି ଲେଖାଏଁ ଘୋଡ଼ାଇସର ଚଉପଟ କାର୍ଯ୍ୟ ପରେ ଆଠକୋଣି ଅଂଶମରା କାର୍ଯ୍ୟ ସହ ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ରୂପକାର ସେବକ ମାନେ କନ୍ଦର୍ପ ରୂପ ଖୋଦେଇ ଶେଷ ହୋଇଥିବା ୪ ଗୋଟି ଲେଖାଏଁ ନାଟ ଗୋଡ଼ ଗୁଡ଼ିକରେ ରଙ୍ଗ କାର୍ଯ୍ୟ ପାଇଁ ଚିତ୍ରକାର ଚାଲି କୁ ଭୋଇ ସେବକଙ୍କ ସହାୟତାରେ ପଠାଇବା ସହ ବାକି ତିନିରଥର ୪ ଟି ଲେଖାଏଁ ନାଟ ଗୋଡ଼ ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନି ଭୂଇଁ ପାଇଁ କଇଞ୍ଚି କଣ୍ଟା ଶେଷ କରି ଦୁଆର ବେଢ଼ା ପାଇଁ କଣ୍ଟା ନିର୍ମାଣ ସହ ରଥ ଉପର ପଟା ବାଡ଼ିଆ ପାଇଁ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ପାଇଁ ମହାପ୍ରଭୁଙ୍କ ପଇତା ଡୋରି ବୋଳିବା ପାଇଁ ପାଟରା ସେବକଙ୍କ ପାଇଁ ଆବଶ୍ୟକ ବାଉଁଶ ନାଳ ୩୦ ଟି ବାଉଁଶ କାଠି ୪୦ ଟି ଏବଂ ବିଜେ ଡୋରି ବୋଳିବା ପାଇଁ ହାତୀ କିଆ,ଦୁଇ ହାତିଆ ଏବଂ ତିନି ହାତିଆ ପାଟ ବୋଳା କିଳା ୨୦ ପିସ୍ ଏଥିସହ ଘଣା ଲାଗି ପାଇଁ ୭ ଫୁଟର ବଡ଼ କାଠ କିଳା ନିର୍ମାଣ ଶେଷ କରି ରଥଯାତ୍ରା ରେ ଠାକୁରଙ୍କ ସେବା ପୂଜା ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ଚିତ୍ରକାର ମାନେ ତିନିରଥର ପାର୍ଶ୍ୱ ଦେବ ଦେବୀ ମାନଙ୍କ ଚିତ୍ର ପ୍ରତିମା ରେ ରଙ୍ଗ କାର୍ଯ୍ୟ ସହ ତିନି ରଥର ଠାକୁରଙ୍କ ଆସ୍ଥାନ ବା ଶିଖର ଡମ୍ବରୁ,ଅଁଳା,ଓଲଟ ଶୁଆ,ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ ସହ ତିନିରଥ ର ବାହ୍ୟ ଅଂଶ ଗୁଡ଼ିକର ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ତିନିରଥ ର ମହାରଣା ସେବକ ୭୬ଜଣ, ଭୋଇ ସେବକ ୭୫ଜଣ , ରୂପକାର ସେବକ ୨୧ଜଣ , କରତୀ ସେବକ ୪ଜଣ ,ଓଝା କମାର ସେବକ ୨୦ଜଣ ,ଦ୍ରୁମ ବିନ୍ଧ କାରୀଗର ୨ଜଣ ,ପାହି ମହାରଣା ୨ଜଣ ,ଚିତ୍ରକାର ୨୦ଜଣ , ରଥଖଳା ସହାୟକ ୧ଜଣ ମୋଟ ୨୨୧ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

ପ୍ୟାରିସରେ ଭାରତୀୟ ସମ୍ପ୍ରଦାୟକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

- ଭାରତର ଜିଡ଼ିପି ଦ୍ୱିଗୁଣିତ ହୋଇଛି
- ଦେଶର ୨୫ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି
- ଫ୍ରାନ୍ସରେ ଯେତିକି ଘର ଆମେ ୧୨ ବର୍ଷରେ ସେତିକି ଘର ନିର୍ମାଣ କରିଛୁ

ପ୍ୟାରିସ: ଗୁରୁବାର (୧୮ ଜୁନ, ୨୦୨୬) ଦିନ ପ୍ୟାରିସରେ ଭାରତୀୟ ସମ୍ପ୍ରଦାୟକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତବ୍ୟ ଦେଇଥିଲେ ଯେ ପ୍ୟାରିସ ହେଉଛି ରଙ୍ଗର ଏକ ସହର, ଯାହାକୁ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ଲୋକଙ୍କ ଦ୍ୱାରା ଆହୁରି ସୁନ୍ଦର କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ୧୨ ବର୍ଷର କାର୍ଯ୍ୟକାଳର ସଫଳତା ଉପରେ ଆଲୋକପାତ କରି କହିଥିଲେ ଯେ ଭାରତର ଜିଡ଼ିପି ଦ୍ୱିଗୁଣିତ ହୋଇଛି ଏବଂ ଦେଶ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ ଫୋନ ନିର୍ମାତା ହୋଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଏହି ପ୍ରଗତିର ଫଳସ୍ୱରୂପ ଭାରତ ଆଜି ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥନୀତି। ଗତ ୧୨ ବର୍ଷ ମଧ୍ୟରେ, ଦେଶର ୨୫୦ ନିୟୁତ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରାଯାଇଛି। ଗତ ୧୨ ବର୍ଷ ମଧ୍ୟରେ ଆମେ ଫ୍ରାନ୍ସର ମୋଟ ଘର ସଂଖ୍ୟା ଅପେକ୍ଷା ଅଧିକ ସ୍ଥାୟୀ ଘର ନିର୍ମାଣ କରିଛୁ। ଏବେ, ପ୍ରତ୍ୟେକ ପରିବାର – ଯେତେ ଗରିବ ହେଉନା କାହିଁକି – ପାଖରେ ଏକ ବ୍ୟାଙ୍କ ଆକାଉଣ୍ଟ ଅଛି।'ପ୍ରଧାନମନ୍ତ୍ରୀ କହିଛନ୍ତି, 'ଗତ ୧୨ ବର୍ଷ ମଧ୍ୟରେ ଭାରତର ଜିଡ଼ିପି ଦ୍ୱିଗୁଣିତ ହୋଇଛି। ବିମାନବନ୍ଦର ସଂଖ୍ୟା ଦ୍ୱିଗୁଣିତ ହୋଇଛି। ବିଶ୍ୱବିଦ୍ୟାଳୟ ସଂଖ୍ୟା ମଧ୍ୟ ଦ୍ୱିଗୁଣିତ ହୋଇଛି। ରାଜପଥ ନିର୍ମାଣର ଗତି ତିନିଗୁଣ ବୃଦ୍ଧି ପାଇଛି। ମେଟ୍ରୋ ନେଟୱାର୍କ ଚାରିଗୁଣ ବିସ୍ତାରିତ ହୋଇଛି। ଆଜି, ଭାରତର କାହାଣୀ କେବଳ ଆର୍ଥିକ ପ୍ରଗତି ନୁହେଁ; ଏହା ସାମାଜିକ ପରିବର୍ତ୍ତନର ମଧ୍ୟ କାହାଣୀ। ଗତ ୧୨ ବର୍ଷ ମଧ୍ୟରେ ଦେଶର ୨୫ କୋଟି ଲୋକ ଦାରିଦ୍ର୍ୟରୁ ବାହାରି ଆସିଛନ୍ତି।'

ସମ୍ପାଦକୀୟ

କ୍ଷମତା ଯୁଦ୍ଧର ଅବସାନ

ଦୀର୍ଘଦିନରୁ ଉଭୟଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ଏବେ ଅନ୍ତ ହେବାକୁ ଯାଉଛି । ତଥାପି ସ୍ଥିତି ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ ନୁହେଁ। ସେଥିପାଇଁ ପରିସ୍ଥିତିରେ ଆଗକୁ ପରିବର୍ତ୍ତନର ଆଶଙ୍କା ରହିଛି। ଭାରତର ଦକ୍ଷିଣୀ ରାଜ୍ୟ କର୍ଣ୍ଣାଟକର ରାଜନୀତି ଏବେ ପୂରା ସରଗରମ। ଏଭଳି ସରଗରମ ସ୍ଥିତି ପଛର ମୁଖ୍ୟ କାରଣ ହେଉଛି ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ। ସେଥିପାଇଁ କର୍ଣ୍ଣାଟକ ରାଜ୍ୟ ରାଜନୀତିରେ ଏବେ ଯେଉଁ ପରିବର୍ତ୍ତନ ଏବଂ ଯେଭଳି ଭାବେ ପରିବର୍ତ୍ତନ ଆସିଛି, ତାହା କେବଳ ଏକ ସାଧାରଣ ପରିବର୍ତ୍ତନ ନୁହେଁ, ଏକ ବଡ଼ ଧରଣର ପରିବର୍ତ୍ତନ ଯାହାକୁ ନେଇ ରାଜ୍ୟ ରାଜନୀତି ଏବେ ଚଳଚଞ୍ଚଳ। ଭାରତୀୟ ଜାତୀୟ କଂଗ୍ରେସ ସହିତ ବହୁ ପୂର୍ବରୁ ଜଡ଼ିତ ଥିବା ଦଳର ଏକ ପ୍ରମୁଖ ନେତା ସିଦ୍ଧରମେୟା କର୍ଣାଟକ ରାଜନୀତିରେ ଦୀର୍ଘ ଦିନ ଧରି ଜଡ଼ିତ ରହିଛନ୍ତି। କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଭାବରେ ରାଜ୍ୟକୁ ସର୍ବାଧିକ ସମୟ ଦେବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି। ପ୍ରଥମେ ୨୦୧୩ରୁ ୨୦୧୮ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୩ରୁ ୨୦୨୬ ଏହିପରି ଭାବେ ସମୁଦାୟ ଆଠବର୍ଷ ଧରି କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଭାବରେ ରାଜ୍ୟର ଜନତାଙ୍କୁ ଶାସନ ପ୍ରଦାନ କରିବାରେ ସେ ହେଉଛନ୍ତି କର୍ଣ୍ଣାଟକ ରାଜନୀତିର ପ୍ରଥମ ବ୍ୟକ୍ତି ଯେ କି ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ସର୍ବାଧିକ ତେବେ ୧୯୭୮ରେ ରାଜ୍ୟ ରାଜନୀତିରେ ପ୍ରବେଶ କରିଥିବା ସିଦ୍ଧ ରମେୟା ପ୍ରଥମଥର ପାଇଁ ୧୯୮୩ରେ ପ୍ରଥମେ ଜଣେ ଏମ. ଏଲ. ଏ ଭାବେ ନିଜର ସ୍ୱାଧୀନ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ୨୦୦୬ରେ କଂଗ୍ରେସରେ ଯୋଗଦେଇଥିବା ସିଦ୍ଧ ରମେୟା ଧୀରେ ଧୀରେ କଂଗ୍ରେସରେ ସୃଷ୍ଟି କରିଥିଲେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଏବଂ ସେହି ପରିଚୟ ବଳରେ ପରେ ପରେ ସ୍ୱତନ୍ତ୍ର ସ୍ଥାନ। ସିଦ୍ଧ ରମେୟା ତାଙ୍କ ରାଜନୈତିକ କ୍ୟାରିୟରରେ କର୍ଣ୍ଣାଟକରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ କରିଥିଲେ। ଯାହା ମଧ୍ୟରେ 'ମହିନ୍ଦା' ଭଳି ରାଜ୍ୟର ଏକ ନିର୍ଦ୍ଦିଷ୍ଟ ଜନଜାତିଙ୍କ ଉନ୍ନତିକଳ୍ପେ ସେ ଯେଉଁସବୁ ସ୍ୱତନ୍ତ୍ର ପଦକ୍ଷେପମାନ ନେଇଥିଲେ, ସେଭଳି ପଦକ୍ଷେପରେ ସଂପୃକ୍ତ ଜନଜାତିଙ୍କର ବିଶେଷ ଉନ୍ନତି ସାଧନ ହୋଇଥିଲା। ପରେ ପରେ ଆଉ କିଛି ବିଶେଷ ପଦକ୍ଷେପ ମଧ୍ୟ ନେଇଥିଲେ କର୍ଣ୍ଣାଟକର ଉନ୍ନତି ପାଇଁ। ତେବେ ତାଙ୍କ କାର୍ଯ୍ୟକାଳରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ସେ ସବୁଠାରୁ ଉଲ୍ଲେଖନୀୟ ଭାବେ ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ଜନତାଙ୍କ କଲ୍ୟାଣ ପାଇଁ ସାରା ରାଜ୍ୟରେ ସେ ବାର୍ଷିକ ପ୍ରାୟ ୧. ୩୫ ଲକ୍ଷ କୋଟିର ନିବେଶ ଉପରେ ଗୁରୁତ୍ୱ ଦେଉଥିଲେ। ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ରହୁଥିବା ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଜନସାଧାରଣଙ୍କ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଥିଲେ ସିଦ୍ଧରମେୟା ଯାହାର ପରିଣାମ ସେ ଆଜି ବି କର୍ଣାଟକରେ ବେଶ୍ ଲୋକପ୍ରିୟ। ସେଇଥିପାଇଁ ତ ବିକ୍ଷୋଭ ଏବଂ ନାରାବାଜି ଏବେ ପୂରା ରାଜ୍ୟରେ , ସମଗ୍ର କର୍ଣାଟକରେ । ରମେୟାଙ୍କ କାର୍ଯ୍ୟକାଳକୁ ପୂରିବାରେ ଆଉ ବି ସମୟ ବାକିଥିଲେ ବି କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ମୁତାବକ୍ ସେ ଏବେ ତାଙ୍କ ପଦବୀରୁ ପୂର୍ଣ୍ଣ ରୂପେ ଇସ୍ତଫା ଦେଇସାରିଛନ୍ତି । ତଥାପି ସମ୍ପୂର୍ଣ୍ଣ ହୋଇପାରିନି ତାଙ୍କର ଇସ୍ତଫା ପ୍ରକ୍ରିୟା। କାରଣ ରାଜ୍ୟର ରାଜ୍ୟପାଳଙ୍କ ଅନୁପସ୍ଥିତିରେ ସେ ତାଙ୍କ ଇସ୍ତଫା ପତ୍ର ତାଙ୍କର ମୁଖ୍ୟ ସଚିବଙ୍କୁ ଦେଇଥିବାରୁ ତାହା ଉପରେ ଆଉଥରେ ପୁନର୍ବିଚାର ହୋଇପାରେ ବୋଲି ଯାହା ଅନୁମାନ କରାଯାଉଛି, ତାହା ବି ଏକ ବିଚାରଯୋଗ୍ୟ ପ୍ରସଙ୍ଗ। ତେବେ ହାଇକମାଣ୍ଡଙ୍କ ନିର୍ଦ୍ଦେଶକୁ ବି ଅଣଦେଖା କରାଯାଇନପାରେ। ତେବେ ସିଦ୍ଧରମେୟାଙ୍କ ପରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପଦରେ ଥିବା ଡି କେ ଶିବକୁମାର ଏବେ ହେବାକୁ ଯାଉଛନ୍ତି ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ। ଯାହା ଅନ୍ତତଃ ସର୍ବସମ୍ମତିକ୍ରମେ ଏକପ୍ରକାର ସ୍ଥିରୀକୃତ ହୋଇଯାଇଛି। ଯାହାକି ଜାତୀୟ କଂଗ୍ରେସର ଶେଷ ନିଷ୍ପତ୍ତି। ତେବେ ଏକ ବିଶେଷ କଥା ହେଲା ଏବେ ବି କର୍ଣ୍ଣାଟକ ରାଜ୍ୟବାସୀ ଦେଖିବାକୁ ଚାହାଁନ୍ତି ତାଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ। ସେଥିପାଇଁ ତ ସିଦ୍ଧରମେୟାଙ୍କ ସମର୍ଥନରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରକାଶ ପାଇଛି ଜନଅସନ୍ତୋଷ। ସେଣୁ ବୋଧହୁଏ ରମେୟାଙ୍କ ରାଜ୍ୟ ରାଜନୀତି ପ୍ରୀତି ଏବେ ବି ରହିଛି ସେମିତି ବରକରାର୍।

ବୀର ଆକବର୍

ମୋଗଲ୍ ସମ୍ରାଟ୍ ଆକବରଙ୍କ ରାଜ ଦରବାର। ଥରେ ଦୁଇ ଯୁବକ ସେମାନେ ଆସିଥିଲେ ଆକବରଙ୍କ ପାଖକୁ କିଛିଟା ନିଯୁକ୍ତି ଆଶା ନେଇ । ସେହି ଆକବର୍ ଯେ କି ଭାରତରେ ମୋଗଲ୍ ଶାସକ ଭାବରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ। ଯାହାଙ୍କ ବୀରତ୍ୱର ଗାଥା ଆଜି ବି ଭାରତରେ ଚର୍ଚ୍ଚିତ । କୁହାଯାଏ କି ଅଶୋକ୍ , ଆକବର ଏବଂ ଆଲେକଜାଣ୍ଡାର। ଇତିହାସର ତିନି ପ୍ରସିଦ୍ଧ ବୀର। ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉଥିଲେ। ଥରେ ଦୁଇ ରାଜପୁତ ଆକବରଙ୍କ ସୈନ୍ୟବାହିନୀରେ ଯୋଗ ଦେବାର ଇଚ୍ଛା ନେଇ ଯେବେ ତାଙ୍କର ଇଚ୍ଛା ଆକବରଙ୍କ୍ ନିକଟରେ ପ୍ରକାଶ କଲେ, ଆକବର ତୁରନ୍ତ ତାଙ୍କୁ ସୈନ୍ୟବାହିନୀରେ ଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ତା'ପୂର୍ବରୁ ଆକବର କିନ୍ତୁ ସେମାନଙ୍କ ପରୀକ୍ଷା ନେଇଥିଲେ। ସେମାନେ କେତେଦୂର ସାହସୀ, ସେ ବିଷୟରେ ସେମାନେ ଆକବରଙ୍କ ନିକଟରେ ପରୀକ୍ଷା ଦେବାର ସେମିତି କିଛି ଆବାଶ୍ୟକ ପଡ଼ିଲା। ଦୁଇ ଭାଇ ନିଜକୁ ରାଜପୁତ ବୋଲି କହି ତାହା ହିଁ ତାଙ୍କରା ସାହସ ବୋଲି କହିବା ପରେ ବି ବାଦଶାହ ଆକବର ତଥାପି ତାଙ୍କର ପରିଚୟ ମାଗନ୍ତେ ରାଜପୁତ ଭ୍ରାତାଦ୍ୱୟ ତୁରନ୍ତ ଉଭୟ ନିଜର ଖଡ୍‌ଗ୍ ବାହାର କରି ପରସ୍ପର ବିରୁଦ୍ଧରେ ତୁରନ୍ତ ଖଡ୍‌ଗ ଉତ୍ତୋଳନ କରି ଆରମ୍ଭ କରିଦେଲେ ଅସୀ ଚାଳନା। ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଏକ ଖଣ୍ଡ ଯୁଦ୍ଧ। ଯାହାକୁ ଦେଖି ଆକବର ନିଜ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ । ଏ କ'ଣ ? ଏହି ରାଜପୁତ ଭାଇମାନେ ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି ପାରିଲେ ନାହିଁ। ଉଭୟ ରାଜପୁତ ଭାଇଦ୍ୱୟଙ୍କୁ ସେ ତ କେବଳ ତାଙ୍କର ସାହସିକତାର ପ୍ରମାଣ ମାଗିଥିଲେ। ହେଲେ ରାଜପୁତ ଭାଇମାନେ କିନ୍ତୁ ପରସ୍ପର ମଧ୍ୟରେ ଏମିତି ଯେ ଭିଡ଼ିଯିବେ, ଏମିତି ତ କେବେ ବି ଭାବିପାରିନଥିଲେ ବାଦଶାହ ଆକବର। ବାଦଶାହ ଆକବର ନିଜେ ବି ତାଜୁବ୍ ହୋଇଗଲେ। ହେଲେ କ'ଣ କରିବେ ଏବଂ କ'ଣ ନ କରିବେ , ସେଥିନେଇ ସେ ବି କିଛି ଭାବିପାରିଲେ ନାହିଁ। କିଛି ସମୟ ପାଇଁ ସେ ବି ବିଚଳିତ ହୋଇପଡ଼ିଲେ। ହଠାତ୍ ସେ ଡାକ ପକାଇଲେ ସେନାପତି ମାନସିଂଙ୍କୁ ଯେ କି ଆକବରଙ୍କ୍ ରାଜ ଦରବାରରେ ବହୁ ପୂର୍ବରୁ ନିଯୁକ୍ତି ପାଇଥିଲେ ଜଣେ ସେନାପତି ଭାବରେ। ତେବେ ରାଜପୁତ ମାନସିଂଙ୍କ୍ ଆସିଲାବେଳକୁ ହୁଏତ ସାମାନ୍ୟ ବିଳମ୍ବ ହୋଇଯାଇଥିଲା। ସେତେବେଳକୁ ଦୁଇ ରାଜପୁତ ପରସ୍ପର ସହିତ ଯୁଦ୍ଧରେ ଲହୁ ଲୁହାଣ ହୋଇଯାଇଥିଲେ। ମାନସିଂ ସେମାନଙ୍କୁ ଯୁଦ୍ଧରୁ କ୍ଷାନ୍ତ କରାଇଥିଲେ ଏବଂ ପରେ ଆକବରଙ୍କୁ ସେମାନଙ୍କ ବୀରତ୍ୱ ବିଷୟରେ ଅବଶ୍ୟ ବୁଝାଇଥିଲେ।

ଭାରତୀୟ ମୌସୁମୀ ବାୟୁର ପରିବର୍ତ୍ତନ ଚିନ୍ତାଜନକ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମୌସୁମୀ ବାୟୁ ଯାହାକି ବଂଗୋପସାଗରରୁ ଗତିକରେ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଉତ୍ତରପୂର୍ବ ରାଜ୍ୟ ସମୂହ ଏବଂ ପଶ୍ଚିମବଙ୍ଗର ଉପକୂଳ ଅଞ୍ଚଳକୁ ଛୁଇଁ ଜୁଲାଇମାସ ୧୫ ତାରିଖ ସୁଦ୍ଧା ସମୁଦାୟ ଭାରତ ଉପରେ ଆଚ୍ଛାଦିତ ହୋଇଯାଏ ଏବଂ ଏହା ଭୀଷଣ ବର୍ଷା କରାଏ । ଯେତେବେଳେ ଏହା ପଶ୍ଚିମକୁ ଉତ୍ତରସ୍ଥ ସମତଳ ଭୂମି ଉପରଦେଇ ଗତିକରେ, ବର୍ଷାର ପରିମାଣ କମିଯାଏ । ଉଦାହରଣ କୋଲକାତାରେ ୧୨୦ ସେ.ମି. ଆହ୍ଲାବାଦରେ ୯୧ ସେ.ମି. ଏବଂ ଦିଲ୍ଲୀରେ ୫୬ ସେ.ମି. ବୃଷ୍ଟିପାତ ହୁଏ । ମୌସୁମୀ ଯେତେବେଳେ ବର୍ଷିବାକୁ ଆଗେଇ ଆସେ ଏବଂ ଶୁଷ୍କତା ମଧ୍ୟରେ ଆର୍ଦ୍ରତା ସୃଷ୍ଟି କରେ । ଯେହେତୁ ମୌସୁମୀ ଉତ୍ତପ୍ତ ଏବଂ ଶୁଷ୍କ ଋତୁପରେ ଆସେ । ବର୍ଷା ତାପମାତ୍ରାକୁ କମାଇ ଦିଏ । ଜୁନ ମଧ୍ୟଭାଗରୁ ଜୁଲାଇ ମଧ୍ୟଭାଗ ମଧ୍ୟରେ ସେଣ୍ଟିଗ୍ରେଡରୁ ସେଣ୍ଟିଗ୍ରେଡକୁ କମିଯିବାର ଦେଖାଯାଏ । ଏହି ସମୟରେ ଭାରତର ଅନେକ ଅଂଶରେ ବନ୍ୟା ସମସ୍ୟା ଦେଖାଯାଏ । ଭୀଷଣ ବୃଷ୍ଟିପାତ ଯୋଗୁଁ ଏପରି ହୁଏ ଆହୁରି ମଧ୍ୟ ଆମର ଜଳ ସମ୍ପଦକୁ ଠିକ୍ ଭାବରେ ପରିଚାଳନାର ଅଭାବ ଥିବାରୁ, ଆହୁରି ମଧ୍ୟ ଏହି ଋତୁରେ ଅନେକ ଅଞ୍ଚଳରେ ମରୁଡି ଅନୁଭୂତ ହୁଏ ।

ପରିବ୍ୟାପ୍ତ, ଉଚ୍ଚ ଓ ଜଟିଳ ଭୂଗଠନ ଯୋଗୁଁ ହିମାଳୟର ବିଭିନ୍ନ ଅଂଶରେ ଭିନ୍ନ ଜଳବାୟୁ ଅନୁଭୂତ ହୋଇଥାଏ । ନିମ୍ନ ଦେଶରେ ଆର୍ଦ୍ର ଉପକ୍ରାନ୍ତୀୟ ଓ ତିବ୍ବତ ପଟେ ଶୁଷ୍କ ଶୀତଳ ମରୁଭୂମି ଦେଖିବାକୁ ମିଳେ । ପଶ୍ଚିମାଂଶକୁ ଛାଡ଼ିଦେଲେ ହିମାଳୟ ପର୍ବତମାଳାର ଦକ୍ଷିଣ ପଟର ଭୂଭାଗ ମୌସୁମୀ ପ୍ରବାହର ବଳୟରେ ଆସେ । ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ଯୋଗୁଁ ଏଠାରେ ଜୁନ୍ ମାସରୁ ନେଇ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଥାଏ । ହିମାଳୟରେ ବର୍ଷ ଯୋଗୁଁ ଗମନାଗମନ ଓ ପରିବହନ ବାଧାପ୍ରାପ୍ତ ହୋଇଥାଏ ଓ ସ୍ଥାନେ ସ୍ଥାନେ ଅତଡ଼ା ଧସିଯାଏ । ତେଣୁ ମୌସୁମୀ ସମୟରେ (ଅପ୍ରେଲ୍-ମଇରୁ ସେପ୍ଟେମ୍ବର-ଅକ୍ଟୋବର ପର୍ଯ୍ୟନ୍ତ) ପର୍ଯ୍ୟଟନ, ପର୍ବତାରୋହଣ, ଟ୍ରେକିଂ ଇତ୍ୟାଦି କାର୍ଯ୍ୟକଳାପ ବାଧାପ୍ରାପ୍ତ ହୁଏ । ନେପାଳ ଓ ସିକ୍କିମର ଲୋକେ ୫ଟି ଋତୁ ଥିବା ବିଶ୍ୱାସ କରନ୍ତି – ଗ୍ରୀଷ୍ମ, ବର୍ଷା, ଶରତ, ଶୀତ ଓ ବସନ୍ତ । କୋପ୍ପେନ୍ ଜଳବାୟୁ ବର୍ଗୀକରଣ ଅନୁସାରେ ହିମାଳୟର ନିମ୍ନ ଓ ମଧ୍ୟ ଦେଶରେ ଆର୍ଦ୍ର ଉପକ୍ରାନ୍ତୀୟ ଜଳବାୟୁ ଓ ଶୀତ ଦିନରେ ଶୁଷ୍କ ଜଳବାୟୁ ଅନୁଭୂତ ହୁଏ । ଉଚ୍ଚ ଦେଶରେ ଉପକ୍ରାନ୍ତୀୟ ଉଚ୍ଚଭୂମି ଜଳବାୟୁ ଅନୁଭୂତ ହୋଇଥାଏ । ପଶ୍ଚିମ ପାର୍ଶ୍ୱର ସିନ୍ଧୁ ଓ କାଶ୍ମୀର ଉପତ୍ୟକାରେ ମୌସୁମୀ ପ୍ରବାହ ଯୋଗୁଁ ଅଧିକ ବୃଷ୍ଟିପାତ

ହୋଇନଥାଏ ବରଂ ବସନ୍ତ ସମୟରେ ଅଧିକ ବର୍ଷା ହୋଇଥାଏ । ଉତ୍ତର ପଟର ତିବ୍ବତୀୟ ହିମାଳୟ ଶୁଷ୍କ ଶୀତଳ ମରୁ ଅଞ୍ଚଳ ଓ ଏହାର ପଶ୍ଚିମାଂଶରେ ବାୟୁ ପ୍ରବାହର ମାତ୍ରା ଅଧିକ । ଏଠାରେ ସବୁଜିମାର ଅଭାବ ଦେଖାଯାଏ ଓ ଶୀତ ଦିନେ ଅସହ୍ୟ ଥଣ୍ଡା ହୁଏ । ଶୀତ ଋତୁର ଶେଷ ଓ ବସନ୍ତ ଋତୁରେ ଏଠାରେ ତୁଷାରପାତ ରୂପେ ବର୍ଷା ହୁଏ ।

ଭାରତୀୟ ଉପମହାଦେଶ ଓ ତିବ୍ବତୀୟ ମାଳଭୂମିର ଜଳବାୟୁ ଉପରେ ହିମାଳୟର ଗଭୀର ପ୍ରଭାବ ରହିଛି । ହିମାଳୟ ଯୋଗୁଁ ଦକ୍ଷିଣମୁଖୀ ଶୀତଳହରି ଭାରତୀୟ ଉପମହାଦେଶରେ ପ୍ରବେଶ କରିପାରେ ନାହିଁ, ତେଣୁ ଦକ୍ଷିଣ ଏସିଆର ଜଳବାୟୁକୁ ଉଷ୍ଣ ରଖିବାରେ ସହାୟକ ହୁଏ । ପୁଣି ହିମାଳୟ ଯୋଗୁଁ ଉତ୍ତରମୁଖୀ ମୌସୁମୀ ପ୍ରବାହ ଭାରତ ବାହାରକୁ ଯାଇପାରେ ନାହିଁ । ହିମାଳୟ ଯୋଗୁଁ କେନ୍ଦ୍ରୀୟ ଏସିଆରେ ତାକ୍ ?ଲାମାକାନ୍ ଓ ଗୋବି ମରୁଭୂମି ସୃଷ୍ଟି ହୋଇଥିବା ବିଶ୍ୱାସ କରାଯାଏ। ମୌସୁମୀ ବାୟୁ ଚିରନ୍ତନ ବାୟୁ ପ୍ରବାହ ନୁହେଁ । ଏହା ଅନିୟମିତ ଅଟେ । ବିଭିନ୍ନ ବାୟୁମଣ୍ଡଳୀୟ ଅବସ୍ଥା ଏହାକୁ ପ୍ରଭାବିତ କରେ, ତାହା ଆଞ୍ଚଳିକ ଜଳବାୟୁଗତ ଅବସ୍ଥା । ମୌସୁମୀ ସମାନ ଭାବରେ ବାଣ୍ଟିହୁଏ ନାହିଁ । କେରଳ, ପଶ୍ଚିମବଙ୍ଗ, ଓଡିଶାର ଉପକୂଳ ଅଞ୍ଚଳ ଅଧିକ ବର୍ଷା ପାଉଥିବାବେଳେ ମଧ୍ୟବର୍ତ୍ତୀ ଅଞ୍ଚଳ ହରିୟାଣା, ମଧ୍ୟପ୍ରଦେଶ କମ୍ ବର୍ଷା ପାଇଥାଏ । ଯେତେବେଳେ ମୌସୁମୀ ପହଞ୍ଚେ ଏହା ଅଧିକ ବୃଷ୍ଟି କରାଏ ଏବଂ ଏହା ଅନେକ ଦିନ ପର୍ଯ୍ୟନ୍ତ ବୃଷ୍ଟିପାତ କରାଏ । ଏହାକୁ ମୌସୁମୀର ପାଗଳାମୀ କୁହାଯାଏ । ଏହା ପ୍ରଧାନତଃ କେରଳ ଉପକୂଳରେ ହୋଇଥାଏ ଯେଉଁଠାରେ କି ମୌସୁମୀ ପ୍ରଥମେ ପହଞ୍ଚେ ।

ତେବେ ଏହି ମୌସୁମୀ ତାପମାତ୍ରା ଉପରେ ନିର୍ଭର କରେ । ତେବେ ପୃଥିବୀର ଏହି ତାପବୃଦ୍ଧି ଓ ହ୍ରାସ କ'ଣ ? ବିଗତ ଦଶନ୍ଧି ମଧ୍ୟରେ ସହରୀକାରଣ, ଶିଳ୍ପସ୍ଥାପନ ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ବାୟୁମଣ୍ଡଳ ବିଷାକ୍ତ ହୋଇଯାଇଅଛି । ମନୁଷ୍ୟର କାର୍ଯ୍ୟକଳାପ ଯୋଗୁଁ ବାୟୁମଣ୍ଡଳର କାର୍ବନଡାଇଅକ୍ସାଇଡ, କ୍ଲୋଡ଼ଓଫ୍ଲୋରୋ ଅନ୍ୟ ହାନିକାରକ ଗ୍ୟାସର ପରିମାଣ ବଢିଯାଇଅଛି । ପ୍ରାୟ ସୂର୍ଯ୍ୟତାପର ୫୧% ଭାଗ ଭୂପୃଷ୍ଠ ଗ୍ରହଣ କରୁଛି ଯାହାକି ଏହାର ତାପକୁ ବୃଦ୍ଧିକରି ଦେଉଅଛି । ତାପର ବାକି ଅଂଶ ପ୍ରତିଫଳିତ ହୋଇ ବାୟୁମଣ୍ଡଳକୁ ଫେରିଆସୁଛି । ଏହା ତାପକୁ ବଢାଇ ଦେବାରେ ସାହାଯ୍ୟ କରୁଛି । ବର୍ତ୍ତମାନ ବାୟୁମଣ୍ଡଳ କଳୁଷିତ ହେବା ଯୋଗୁଁ ପ୍ରତିଫଳିତ ତାପର କେତେ ଅଂଶ ଗ୍ରୀନହାଉସ ଗ୍ୟାସଦ୍ୱାରା ଅଟକିଯାଉଛି, ପ୍ରଧାନତଃ କାର୍ବନଡାଇଅକ୍ସାଇଡ ଭୂପୃଷ୍ଠର ତାପକୁ ବଢାଇଦିଏ । ଆମେ ଭଲଭାବରେ ଜାଣିଛୁ ଯେ ୭୦% ଭାରତୀୟ କୃଷିର ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି । ତାପମାତ୍ରାରେ ଯେକୌଣସି ପରିବର୍ତ୍ତନ କୃଷିକ୍ଷେତ୍ରରେ ବିପରୀତ ପ୍ରଭାବ ପକାଇବ । ଏହା ଭାରତର ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ । ଏହି ଅଧ୍ୟାୟରେ ଅଧ୍ୟୟନ ପରେ ଆମ୍ଭେମାନେ ପରିଷ୍କାର ଭାବରେ ଦେଖିବା ଯେ, ମାନବର ଜୀବନଯାପନ ପ୍ରଣାଳୀରେ ଜଳବାୟୁର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଅଛି । ଆମ ଖାଦ୍ୟ, ଆମ ପର୍ବପର୍ବାଣୀ ଆମ ଅର୍ଥନୀତି ଆଉ ସବୁକିଛି ଋତୁଚକ୍ର ସହିତ ଜଡିତ ଅଛି । ଯଦି ଋତୁଗୁଡିକ ଅନୁକୂଳ ହୁଏ ମନୁଷ୍ୟର ଜୀବନ ସୁଖମୟ ଏବଂ ଆରାମଦାୟକ ହେବ । ତେଣୁ ସଠିକ ମୌସୁମୀ ପ୍ରଭାବ କୃଷି, ସ୍ୱାସ୍ଥ୍ୟ, ପରିବହନ କ୍ଷେତ୍ରରେ ପ୍ରଭାବା ପକାଇଥାଏ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆମେ ସମସ୍ତେ କାର୍ବନ ଡାଇଅକ୍ସାଇଡ ଓ ଅନ୍ୟ କ୍ଷତିକାରକ ଗ୍ୟାସକୁ କମାଇବା ପାଇଁ ଜୀବନଧାରଣ ପଦ୍ଧତିରେ କିଛି ପରିବର୍ତ୍ତନ ଆଣିବା ଉଚିତ୍, ଏହା ହୋଇପାରିଲେ ମୌସୁମୀ ନିୟମିତ ହେବା ସହିତ ଆମ ଜୀବନ ପ୍ରଣାଳୀ ସୁଖମୟ ହେବ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

ଜୀବନକୁ ଆପଣାନ୍ତୁ ତମାଖୁକୁ ସବୁଦିନ ପାଇଁ ବର୍ଜନ କରନ୍ତୁ

ସୌଭାଗ୍ୟ ରଂଜନ ମହାନ୍ତି

ବିଶ୍ୱ ତମାଖୁ ବର୍ଜନ ଦିବସ ବା ବିଶ୍ୱ ନୋ ଟବାକୋ ଡେ ହେଉଛି ଏକ ଅତି ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତୀୟ ଜନସଚେତନତା ଦିବସ ଯାହା ପ୍ରତିବର୍ଷ ମେ ୩୧ ତାରିଖରେ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ ଏବଂ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମାନବ ସମାଜକୁ ତମାଖୁର ଭୟାବହତା, ଏହାର ମାରତ୍ମକ ପରିଣାମ ଏବଂ ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁପ୍ରଭାବ ବିଷୟରେ ଅବଗତ କରାଇବା ସହ ଏକ ଏକ ନିଶାମୁକ୍ତ ସୁସ୍ଥ ପୃଥିବୀ ଗଠନ କରିବା। ଆଜିର ସମୟରେ ତମାଖୁ ସେବନ କେବଳ ଏକ ବ୍ୟକ୍ତିଗତ ଅଭ୍ୟାସ ହୋଇ ରହିନାହିଁ, ବରଂ ଏହା ଏକ ବିଶ୍ୱବ୍ୟାପୀ ସାମାଜିକ ଓ ସ୍ୱାସ୍ଥ୍ୟଗତ ମହାମାରୀର ରୂପ ଧାରଣ କରିଛି ଯାହା ପ୍ରତିବର୍ଷ ଲକ୍ଷ ଲକ୍ଷ ଜୀବନକୁ ଅକାଳରେ ଗ୍ରାସ କରୁଛି ଏବଂ ବିଶେଷ କରି ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ତଥା ଯୁବପିଢିଙ୍କୁ ନିଜ ଜାଲରେ ଫସାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛି। ଏହି ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନଗୁଡକର ଏକବଡ ଦାୟିତ୍ୱ ରହିଛି ଯେଉଁଠାରେ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ମାର୍ଗଦର୍ଶକ ସାଜି ପିଲାମାନଙ୍କୁ ଏହି ସାଂଘାତିକ ବିପଦ ବିଷୟରେ ସଚେତନ କରିପାରିବେ ଏବଂ ସେମାନଙ୍କୁ ଏକ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ପ୍ରେରିତ କରିପାରିବେ। ତମାଖୁ ମଧ୍ୟରେ ଥିବା ନିକୋଟିନ୍ ନାମକ ଅତ୍ୟନ୍ତ ନିଶାଦାୟକ ଓ ବିଷାକ୍ତ ରାସାୟନିକ ପଦାର୍ଥ ମଣିଷକୁ ଏହାର ଦାସ କରିଦିଏ, ଯାହାଫଳରେ ଥରେ ଏହି ଅଭ୍ୟାସ ଆରମ୍ଭ ହେଲେ ଏଥିରୁ ମୁକ୍ତି ପାଇବା ଅତ୍ୟନ୍ତ କଷ୍ଟକର ହୋଇପଡେ ଏବଂ ଏହା ମାଧ୍ୟମରେ ଶରୀର ଭିତରକୁ ପ୍ରବେଶ କରୁଥିବା ହଜାର ହଜାର କ୍ଷତିକାରକ ରାସାୟନିକ ପଦାର୍ଥ ଫୁସଫୁସ୍, ହୃଦୟ, ଯକୃତ ଓ ମସ୍ତିଷ୍କକୁ ଧୀରେ ଧୀରେ ଅକାମୀ କରିଦିଅନ୍ତି। ଧୂମପାନ ଦ୍ୱାରା ଫୁସଫୁସର କର୍କଟ ରୋଗ, ମୁଖ କର୍କଟ, ଗଳା କର୍କଟ, କ୍ରୋନିକ୍ ବ୍ରୋଙ୍କାଇଟିସ୍, ଆସ୍ଥମା, ଉଚ୍ଚ ରକ୍ତଚାପ ଏବଂ ମାରାତ୍ମକ ହୃଦଘାତ ବା ହାର୍ଟ ଆଟାକ୍ ଭଳି ରୋଗ ସୃଷ୍ଟି ହୋଇଥାଏ, ଯାହା ରୋଗୀକୁ ଅତିଯନ୍ତ୍ରଣାଦାୟକ ମୃତ୍ୟୁ ଆଡକୁ ଠେଲିଦିଏ। ଆଜିର ବଜାରରେ ମିଳୁଥିବା ସିଗାରେଟ୍, ବିଡି, ଗୁଟଖା, ପାନମସଲା, ଖଇନି ଏବଂ ଆଧୁନିକ ଇ-ସିଗାରେଟ୍ ବା ଭେପ୍ସ ସବୁକିଛି ସମାନ ଭାବେ ବିପଦଜନକ ଏବଂ ଅନେକ ସମୟରେ କମ୍ପାନୀଗୁଡିକ ବିଭିନ୍ନ ଆକର୍ଷଣୀୟ ସ୍ୱାଦ ବା ଫ୍ଲେଭର ବ୍ୟବହାର କରି କୋମଳମତି ଶିଶୁ ଓ ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରନ୍ତି, ଯାହା ପ୍ରତି ସମସ୍ତେ ସତର୍କ ରହିବା ଉଚିତ। ପିଲାମାନେ ଅନେକ ସମୟରେ କେବଳ କୌତୁହଳବଶତଃ, ସାଙ୍ଗସାଥୀଙ୍କ ଚାପରେ ପଡି, କିମ୍ବା ଚଳଚ୍ଚିତ୍ର ଓ ସୋସିଆଲ
ମ ି ତ ି ଅ । ୦ ର
ଦେଖାଯାଉଥିବାନାକୟମାନଙ୍କର ଶୈଳୀକୁ ଅନୁକରଣ କରି ଧୂମପାନ ଆରମ୍ଭ କରିଦିଅନ୍ତି, କିନ୍ତୁ ସେମାନେ ବୁଝିପାରନ୍ତି ନାହିଁ ଯେ ଏହି କ୍ଷଣିକ ଆନନ୍ଦ ସେମାନଙ୍କର ସାରା ଜୀବନର ସୁଖ ଓ ଶାନ୍ତିକୁ ଛଡାଇ ନେଇଯିବ। କେବଳ ନିଜେ ଧୂମପାନ କରୁଥିବା ବ୍ୟକ୍ତି ନୁହଁନ୍ତି ବରଂ ତାଙ୍କ ଚାରିପାଖରେ ରହୁଥିବା ଅଣ-ଧୂମପାୟୀ ବ୍ୟକ୍ତି, ବିଶେଷ କରି ଶିଶୁ ଏବଂ ଗର୍ଭବତୀ ମହିଳାମାନେ ପରୋକ୍ଷ ଧୂମପାନ ବା ପାସିଭ୍ ସ୍ମୋକିଂର ଶିକାର ହୋଇ ବିଭିନ୍ନ ଶ୍ୱାସକ୍ରିୟା ଜନିତ ଗୁରୁତର ରୋଗରେ ଆକ୍ରାନ୍ତ ହୁଅନ୍ତି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଏକ ସାମାଜିକ ଅପରାଧ ସଦୃଶ ଅଟେ। ତମାଖୁ ସେବନର ପରିଣାମ କେବଳ ସ୍ୱାସ୍ଥ୍ୟଗତ ସମସ୍ୟାରେ ସୀମିତ ରହେନାହିଁ, ବରଂ ଏହା ପରିବାର ଉପରେ ପ୍ରବଳ ଆର୍ଥିକ ଏବଂ ମାନସିକ ବୋଝ ମଧ୍ୟ ସୃଷ୍ଟି କରିଥାଏ, କାରଣ ଏହି ରୋଗଗୁଡିକର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବାରୁ ଅନେକ ମଧ୍ୟବିତ ଓ ଗରିବ ପରିବାର ସମ୍ପୂର୍ଣ୍ଣ ସର୍ବସାନ୍ତ ହୋଇଯାନ୍ତି ଏବଂ ଘରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅକାଳ ବିୟୋଗ ଯୋଗୁଁ ପୁରା ପରିବାର ଅନାଥ ହୋଇ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଏ। ସ୍କୁଲ ଓ କଲେଜ ସ୍ତରରେ ବିଶ୍ୱ ତମାଖୁ ବର୍ଜନ ଦିବସ

ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଶକ୍ତିଶାଳୀ ପ୍ରତିରୋଧକ ମାନସିକତା ପ୍ରସ୍ତୁତ କରିବା, ଯେପରି ସେମାନେ କୌଣସି ପରିସ୍ଥିତିରେ ବି ନିଶାଦ୍ରବ୍ୟକୁ ସମ୍ପୂର୍ଣ୍ଣ ଭାବେ ନା କରିପାରିବେ। ଏହି ଦିଗରେ ପ୍ରାର୍ଥନା ସଭାରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବକ୍ତବ୍ୟ ପ୍ରଦାନ କରିବା, କାନ୍ଥ ପତ୍ରିକା ବା ପୋଷ୍ଟର ତିଆରି କରିବା, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରିବା ଏବଂ ସଚେତନତା ଶୋଭାଯାତ୍ରା ମାଧ୍ୟମରେ ସ୍ଥାନୀୟ ଅଂଚଳର ଲୋକଙ୍କୁ ବାର୍ତ୍ତା ଦେବା ଭଳି କାର୍ଯ୍ୟକ୍ରମ ସବୁ ଶିକ୍ଷାନୁଷ୍ଠାନରେ ବ୍ୟାପକ ଭାବେ କରାଯିବା ଉଚିତ। ଶିକ୍ଷକମାନେ ନିଜର ଶିକ୍ଷାଦାନ ସମୟରେ ବିଜ୍ଞାନ ଓ ସାମାଜିକ ପାଠ୍ୟକ୍ରମ ସହ ଯୋଡି ତମାଖୁର କୁପ୍ରଭାବ ବିଷୟରେ ସହଜ ଏବଂ ସରଳ ଭାବେ ବୁଝାଇବା ଆବଶ୍ୟକ ଏବଂ ପିଲାମାନଙ୍କର ଗତିବିଧି ତଥା ଆଚରଣ ଉପରେ ନଜର ରଖିବା ଉଚିତ ଯଦି କୌଣସି ଛାତ୍ର ମାନସିକ ଚାପ ବା ଅନ୍ୟ କୌଣସି

କାରଣରୁ ଭୁଲ ବାଟରେ ଯାଉଥାଏ, ତେବେ ତାଙ୍କୁ ସ୍ନେହର ସହ ପରାମର୍ଶ ଦେଇ ସଠିକ୍ ମାର୍ଗକୁ ଫେରାଇ ଆଣିବା ଜରୁରୀ। ସରକାରଙ୍କ ପକ୍ଷରୁ 'କୋଟ୍‌ପା' (COTPA) ଆଇନ ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡିକର ୧୦୦ ଗଜ ପରିସୀମା ମଧ୍ୟରେ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରୟ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି, ଯାହାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ସଦାସର୍ବଦା ତତ୍ପର ରହିବା ଉଚିତ। ଛାତ୍ରଛାତ୍ରୀମାନେ ନିଜ ନିଜ ଘରେ ଏବଂ ପଡୋଶୀମାନଙ୍କ ମଧ୍ୟରେ ଯଦି କେହି ତମାଖୁ ସେବନ କରୁଥାନ୍ତି, ତେବେ ସେମାନଙ୍କୁ ଭଲ ପାଇବା ଏବଂ ସମ୍ମାନର ସହ ଏହାର ଭୟାବହତା ବୁଝାଇ ସେହି କୁଅଭ୍ୟାସ ଛଡାଇବା ପାଇଁ ଏକ ସକାରାତ୍ମକ ପ୍ରୟାସ କରିପାରିବେ, ଯାହା ସମାଜ ପରିବର୍ତନରଏକ ବଡ ଭୂମିକା ଗ୍ରହଣ କରିବ। ସ୍ୱାସ୍ଥ୍ୟ ହିଁ ପ୍ରକୃତ ସମ୍ପଦ ଏବଂ ଈଶ୍ୱରଙ୍କ ଦ୍ୱାରା ଦତ ଏହି ଅମୂଲ୍ୟ ମାନବ ଜୀବନକୁ ଏକ କ୍ଷଣିକ ବିଷାକ୍ତ ନିଶାର ବଶବର୍ତୀ ହୋଇ ନଷ୍ଟ କରିଦେବା ଆଦୌ ଜ୍ଞାନୀର କାର୍ଯ୍ୟ ନୁହେଁ, ତେଣୁ ଆମକୁ କ୍ରୀଡା, କଳା ଯୋଗ ଏବଂ ସାହିତ୍ୟ ଭଳି ଗଠନମୂଳକ କାର୍ଯ୍ୟରେ ନିଜ ମନ ଓ ଶକ୍ତିକୁ ବିନିଯୋଗ କରିବାକୁ ହେବ। ଆଜିର ଦିନରେ ଆମ ସମସ୍ତଙ୍କୁ ମିଳିତ ଭାବେ ଏହି ଦୃଢ ସଂକଳ୍ପ ନେବାକୁ ହେବ ଯେ, ଆମେ କେବଳ ବି ଜୀବନରେ ତମାଖୁ କିମ୍ବା କୌଣସି ପ୍ରକାରର ନିଶାଦ୍ରବ୍ୟକୁ ସ୍ପର୍ଶ କରିବା ନାହିଁ ଏବଂ ନିଜ ଚାରିପାଖର ପରିବେଶକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ରଖିବାରେ ସହଯୋଗ କରିବା। ଶିକ୍ଷକ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କର ଏହି ତ୍ରିବେଣୀ ସଙ୍ଗମ ଓ ମିଳିତ ପ୍ରୟାସ ଦ୍ୱାରା ହିଁ ଏହି ସାମାଜିକ ଆନ୍ଦୋଳନ ସଫଳ ହୋଇପାରିବ, ଯାହାଫଳରେ ଆମେ ଏକ ସୁସ୍ଥ, ସବଳ, ପ୍ରଗତିଶୀଳ ଓ ତମାଖୁମୁକ୍ତ ସମାଜ ତଥା ଏକ ଉଜ୍ଜ୍ୱଳ ଏବଂ ସମୃଦ୍ଧଶାଳୀ ଦେଶ ଗଠନ କରିବାରେ ସଫଳ ହେବା ଏବଂ ଆଗାମୀ ପିଢିକୁ ଏକ ନିର୍ମଳ ଏବଂ ସୁନ୍ଦର ଭବିଷ୍ୟତ ଉପହାର ଦେଇପାରିବା, ତେଣୁ ଆସନ୍ତୁ ସମସ୍ତେ ଏକ ସ୍ୱରରେ କହିବା ଜୀବନକୁ ଜୟ କରିବା, ତମାଖୁକୁ ସବୁଦିନ ପାଇଁ ବର୍ଜନ କରିବା।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
୯୪୩୭୯୯୪୩୭୯

ବିଦ୍ୟୁତ ଡିଭିଜନାଲ୍ ଅଫିସ୍ ସ୍ଥାନାନ୍ତରକୁ ନେଇ ଅସନ୍ତୋଷ

ପୁରୁଷୋତ୍ତମପୁର,୧୮।୬ : ପୁରୁଷୋତ୍ତମପୁର ସହର ଉପକଣ୍ଠରେ ବର୍ତ୍ତମାନ କାର୍ଯ୍ୟରତ ବିଦ୍ୟୁତ ଡିଭିଜନାଲ୍ ଅଫିସ୍‌କୁ ପ୍ରାୟ ୫ କିଲୋମିଟର ଦୂରରେ ଥିବା ତାରାତାରିଣୀ ଛକ ନିକଟକୁ ସ୍ଥାନାନ୍ତର କରିବା ପ୍ରସ୍ତାବକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର ଲହରୀ ଦେଖାଦେଇଛି। ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ସାଧାରଣ ଉପଭୋକ୍ତାଙ୍କ ଦୈନିକ ସେବା ପ୍ରାପ୍ତିରେ ଗୁରୁତର ବାଧା ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି। ଏହି ପ୍ରସ୍ତାବର ପ୍ରତିବାଦରେ ଓଡିଶା ଯୁବ କଂଗ୍ରେସ ସୋସିଆଲ ମେଡିଆ ସଂଯୋଜକ ପବିତ୍ର ସେଠୀଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ, ସମାଜସେବୀ ଓ ବରିଷ୍ଠ ନାଗରିକମାନେ ଏକ ସ୍ୱାକ୍ଷର ଅଭିଯାନ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ସ୍ଥାନୀୟ ବିଦ୍ୟୁତ ବିଭାଗ, ପୁରୁଷୋତ୍ତମପୁର ଏନଏସି କୁ ଜ୍ଞାପନ କରାଯାଇଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ବିଦ୍ୟୁତ ବିଭାଗ କାର୍ଯ୍ୟାଳୟଟି ସହର ମଧ୍ୟଭାଗରେ ଥିବାରୁ ସହରବାସୀ ସହ ବ୍ଲକ ଅଧୀନର ବହୁ ପଞ୍ଚାୟତର ଲୋକମାନେ ସହଜରେ ସେବା ପାଇଥାନ୍ତି। କିନ୍ତୁ ଏହାକୁ ୫ କିଲୋମିଟର ଦୂରକୁ ସ୍ଥାନାନ୍ତର କରାଗଲେ ବିଶେଷକରି ବୃଦ୍ଧ, ଦିବ୍ୟାଙ୍ଗ ଏବଂ ଦୂରଦରାଜ ଗ୍ରାମର ଲୋକମାନେ ବହୁତ ଅସୁବିଧାରେ ପଡିବେ। ବିଦ୍ୟୁତ ବିଲ୍ ଜମା, ନୂତନ ସଂଯୋଗ, ଟ୍ରାନ୍ସଫର୍ମର ସମସ୍ୟା, ଲାଇନ ତ୍ରୁଟି, ମିଟର ସମସ୍ୟା ଏବଂ ଅନ୍ୟାନ୍ୟ ଅଭିଯୋଗ ନିରାକରଣ ପାଇଁ ପ୍ରତିଦିନ ଶତାଧିକ ଉପଭୋକ୍ତା ଅଫିସ୍‌କୁ ଆସୁଥାନ୍ତି। ଅଫିସ୍ ଦୂରକୁ ଚାଲିଗଲେ ଯାତାୟାତ ଖର୍ଚ୍ଚ ବଢିବା ସହ ସମୟର ମଧ ଅପଚୟ ହେବ। ସାଧାରଣରେ ମତ ପ୍ରକାଶ ପାଇଛି ଯେ, ସ୍ଥାନୀୟ ପ୍ରଶାସନ ସହ ସ୍ଥାନୀୟ ବିଧାୟକ ଓ ସାଂସଦ ଏହି ବିଷୟରେ ତୁରନ୍ତ ହସ୍ତକ୍ଷେପ କଲେ ଲୋକମାନଙ୍କ ମନରେ ଥିବା ଅସନ୍ତୋଷ ଦୂର ହେବ ଏବଂ ଉପଭୋକ୍ତା ମାନେ ଆଶ୍ୱସ୍ତ ହେବେ। ସ୍ଥାନୀୟ ଲୋକମାନଙ୍କ ସ୍ୱଷ୍ଟ ଦାବି ହେଉଛି, ଜନସ୍ୱାର୍ଥକୁ ପ୍ରାଥମିକତା ଦେଇ ବିଦ୍ୟୁତ ଡିଭିଜନାଲ୍ ଅଫିସ୍‌କୁ ବର୍ତ୍ତମାନ ସ୍ଥାନରେ ରଖାଯାଉ ଏବଂ କୌଣସି ପରିସ୍ଥିତିରେ ସହରରୁ ସ୍ଥାନାନ୍ତର କରାନଯାଉ।

ବିଶ୍ୱ ରେକର୍ଡ ଅଧିକାରୀ

ଡ଼ଃ ପଙ୍କଜ କୁମାର ଦିଲ୍ଲୀରେ ପାଇଲେ କଳିଙ୍ଗ ରତ୍ନ ସମ୍ମାନ

ବାଲେଶ୍ୱର,୧୮।୬ : ବିଶ୍ୱରେ ପ୍ରଥମ କରି ନୈତିକ ଶିକ୍ଷା ଉପରେ କାମ କରି ବିଶ୍ୱ ରେକର୍ଡ ଆଉ ଆମେରିକା ବୋକ ଅଫ ରେକର୍ଡ ରେ ସ୍ଥାନ ପାଇଥିବା ଡ଼ଃ ପଙ୍କଜ କୁମାର ଜେନା ଙ୍କୁ ଦିଲ୍ଲୀ କଳିଙ୍ଗ ଭାରତୀ ଫାଉଣ୍ଡେସନ ତରଫରୁ କଳିଙ୍ଗ ରତ୍ନ ସମ୍ମାନରେ ସମ୍ମାନିତ କରିବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ଡ଼ଃ ଜେନା ଏଥିପାଇଁ ଏକ ଛ ମାସିଆ ପାଠ୍ୟକ୍ରମ ପ୍ରସ୍ତୁତ କରି ଚର୍ଚ୍ଚାରେ ଥିଲେ। ବାପା ମା ବୃଦ୍ଧ ଅବସ୍ଥା ରେ କେମିତି ବୃଦ୍ଧାଶ୍ରମ ଯିବେନି, ସଫଳତା ପରେ ବି ବ୍ୟକ୍ତି କେମିତି ଆତ୍ମହତ୍ୟା କରୁଛି, ପୁଅ ବହୋ ମାନେ ବାପା ମା ଙ୍କ ର ବି ଶୁଦ୍ଧି କ୍ରିୟା କୁ ଆସୁନାହାନ୍ତି, ଏ ସବୁ ର ସମାଧାନ ପାଇଁ ଏକ ଛଅ ମାସିଆ ପାଠ୍ୟ ଖସଡ଼ା ପ୍ରସ୍ତୁତ କରି ବିଶ୍ୱ ଦରବାର ରେ ଚର୍ଚ୍ଚାରେ ଅଛନ୍ତି। ପଇସା ରୋଜଗାର କରିବା ପାଇଁ ପାଠ ନ ପଢାଇ ଭଲ ମଣିଷ ହୋଇ ବାପା ମା ଙ୍କ ଯତ୍ନ ନେବାପାଇଁ ପାଠ ପଢ଼ାଇବା ଦରକାର ବୋଲି ଡ଼ଃ ଜେନା କୁହନ୍ତି। ପାଠ ପଢି ପଇସା ରୋଜଗାର ପାଇଁ ଦେଶ କୁ ବିକି ଦେବା, କୀଡୀନି ଚୋରି କରି ବିକିବା, ବାପା ମା ଙ୍କୁ ବୃଦ୍ଧାଶ୍ରମ ରେ ଛାଡି ବିଦେଶ ପଳାଇବା ପରି ଘୃଣ୍ୟ କାମ ନ କରି ଭଲ ମଣିଷ ହେବାପାଇଁ ଏହି ପାଠ୍ୟ କ୍ରମ ରେ ଯୋଡ଼ି ହେବା ପାଇଁ ଡ଼ଃ ଜେନା ଆହ୍ୱାନ ଦେଇଛନ୍ତି ଆଉ ଏହା ସମ୍ପୂର୍ଣ୍ଣ ମାଗଣା। ଦିଲ୍ଲୀ ଗୁରୁଗ୍ରାମ କମ୍ୟୁନିଟି ଭବନ ରେ ସ୍ଥାନୀୟ ବିଧାୟକ ମୁକେଶ ଶର୍ମା, ଟାସା ମାଇକ୍ରୋ ଏସର ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ସେନ, ମେୟର ରାଜରାଣୀ ମାଲହୋତ୍ରା, ଇଚିବାନ କର୍ପୋ ସାଇନ୍ସ ଲିମିଟେଡ଼ ନିର୍ଦ୍ଦେଶକ ଡ଼ଃ ନିଖିଳ ଅଗ୍ରୱାଲ, କ୍ୟାନ ଭାରନ ଫାଉଣ୍ଡେସନ ର ପ୍ରତିଷ୍ଠାତା ଡ଼ଃ ଡି ପି. ଗୋଏଲ, କଳିଙ୍ଗ ଭାରତୀ ଫୋଉଣ୍ଡେସନ ର ଜାତୀୟ ସଭାପତି ଇଞ୍ଜିନିୟ ର ଅକ୍ଷୟ କୁମାର ସାମଲ, ସଂଗୀତଜ୍ଞ ସନ୍ତୋଷ କୁମାର ରାଉତ, ସଂଗ୍ରାମ କୁମାର ପାଣିଗ୍ରାହୀ, ମଧୁମିତା ମହାପାତ୍ର, ବିଜୟ ମିଶ୍ର, ଅନିଲ ଜେନା, ପ୍ରଳୟ ବାହାଲି ଓ ପ୍ରଜାପିତା ବ୍ରହ୍ମକୁମାରୀ ଭଉଣୀ ମାନଙ୍କ ଉପସ୍ଥିତ ରେ ଡ଼ଃ ପଙ୍କଜ କୁମାର ଜେନା କଳିଙ୍ଗ ରତ୍ନ ସମ୍ମାନ ଗ୍ରହଣ କରି ବାଲେଶ୍ୱର ଜିଲ୍ଲା ପାଇଁ ଗର୍ବ ଆଉ ଗୌରବ ଆଣିଥିଲେ ଓ ସେଠାରେ ସମସ୍ତଙ୍କୁ ପ୍ରଥମେ ଭଲ ମଣିଷ ହେବା ପାଇଁ ବକ୍ତବ୍ୟ ରଖିଥିଲେ। ପିଲା ମାନଙ୍କୁ ପଇସା ରୋଜଗାର କରିବା ପାଇଁ ଖାଲି ପାଠ ନ ପଢାଇ, ବାପା ମା ଓ ଦେଶ ର କେମିତି ଯତ୍ନ ନେବେ ସେହି ଶିକ୍ଷା ଦେବାକୁ ସମସ୍ତ ଙ୍କୁ ଡ଼ଃ ଜେନା ଅନୁରୋଧ କରିଥିଲେ।

ସରିଲା ରଜ ଉତ୍ସବ, ନାଚ ଗୀତରେ ଝୁମିଲେ ଯୁବକ ଯୁବତୀ

ବ୍ରହ୍ମପୁର, ୧୮।୬ : ବ୍ରହ୍ମପୁର ମହାନଗର ରେ ତିନି ଦିନ ଧରି ପ୍ରିତ୍ର ରଜ ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ବିଶେଷ କରି ଯୁବତୀ, ମହିଳା ଓ ପୁରୁଷ ମାନେ ଏହି ରଜ ପର୍ବ ଘରେ ଘରେ ଆଉ ସାମୁହିକ ଭାବେ ପାଳନ କରିଥିଲେ । କେତେକ ସ୍ଥାନରେ ଦୋଳି ଖେଳ ସହ ଆଉ କେଉଁଠି ପିଠା ପଣା ଆଉ ନାଚ ଗୀତ ରେ ଏପରି ପର୍ବ ପାଳନ କରାଯାଇଥିଲା । ଅନ୍ତିମ ଦିବସ ରେ ଗୋଷାଣୀ ନୂଆ ଗ୍ରାମ ଗୋକୁଳଧାମ ସ୍ଥିତ ଟାଇଟେନ୍ ଟ୍ରାକସ ୟୁନିସେକ୍ସ ପ୍ରିମିୟମ ଜିମ ପରିସରରେ କଳାଞ୍ଜଳି ଆର୍ଟିଷ୍ଟ୍ରୀ ଟ୍ରଷ୍ଟ ତରଫରୁ ସାମୂହିକ ଭାବେ ରଜ ପର୍ବ ପାଳନ କରାଯାଇଥିଲା । ମୁଖ୍ୟ ପ୍ରତିଷ୍ଠାତ୍ରୀ ତଥା ସମ୍ପାଦିକା ରାମେଶ୍ୱରୀ ନନ୍ଦ ଙ୍କ ତତ୍ତ୍ୱାବଧାନରେ ରଜ ପର୍ବ କୁ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଥିଲା । ଏଥିରେ ମହିଳା ,ଯୁବତୀ ଙ୍କ ସହ ଯୁବକ ମାନେ ମଧ ସାମିଲ ହୋଇଥିଲେ । ରଜ ପାନ ଓ ଦୋଳି ର ମଜା ନେବା ସହ ରଜ ରେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ଗୀତ ନାଚ ରେ ଝୁମି ଉଠିଥିଲେ । ଯୁଗ୍ମସମ୍ପାଦକ ସ୍ୱପ୍ନ ଶୁଭ ଦର୍ଶିନି, ଅଭିଶିକ୍ତା ଦାସ, ବିଭୁ, ପ୍ରତିମା ନାୟକ, ସ୍ୱପ୍ନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ, କଣ୍ଠଶିଳ୍ପୀ ସୁଦୀପ କୁମାର୍ ସାହୁ ସଙ୍ଗୀତ ଦ୍ୱାରା ସଭିଙ୍କୁ ଉତ୍ସାହିତ କରିଥିଲେ ।

ରଜ ପର୍ବ ଉତ୍ସାହ ଓ ଆନନ୍ଦର ସହ ପାଳନ

ଆବୁଧାବି, ୧୮।୬ : ଆବୁଧାବିସ୍ଥିତ ଓଡ଼ିଆ ସମାଜର ମହିଳାମାନଙ୍କ ପକ୍ଷରୁ ପବିତ୍ର ରଜ ପର୍ବ ଉତ୍ସାହ ଓ ଆନନ୍ଦର ସହ ପାଳନ କରାଯାଇଛି। ଏହି ଅବସରରେ ମହିଳାମାନେ ପାରମ୍ପରିକ ବେଶଭୂଷା ପରିଧାନ କରି ରଜର ବିଭିନ୍ନ ରୀତିନୀତି ପାଳନ କରିଥିଲେ। ପାରମ୍ପରିକ ରଜଗୀତ, ଦୋଳି ଖେଳ, ପିଠାପଣା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା। ଉପସ୍ଥିତ ମହିଳାମାନେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ପ୍ରବାସୀ ମାଟିରେ ଜୀବନ୍ତ ରଖିବା ପାଇଁ ଏପରି ଆୟୋଜନର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ରଜ ପର୍ବ ମାଧ୍ୟମରେ ପ୍ରବାସୀ ଓଡ଼ିଆ ପରିବାରମାନଙ୍କ ମଧ୍ୟରେ ସମ୍ପ୍ରୀତି ଓ ଭାତୃତ୍ୱର ବାର୍ତ୍ତା ପ୍ରସାରିତ ହୋଇଥିଲା। କାର୍ଯ୍ୟକ୍ରମରେ ଆବୁଧାବିର ପ୍ରାୟ ୮୦ ରୁ ଉର୍ଦ୍ଧ୍ୱ ସଂଖ୍ୟକ ଓଡ଼ିଆ ମହିଳା ଯୋଗଦେଇ ରଜ ପର୍ବର ମହତ୍ତ୍ୱ ଓ ଗୌରବକୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସିପ୍ରା ଦାସ, ଅସ୍ମିତା ପଟେଲ, ଅର୍ଚ୍ଚନା ନାୟକ,ସୁଭ୍ରା ସାମଲ, ସ୍ୱାତୀ ଦାସ ଓ ନୀତାଶା ବେହେରାଙ୍କ ତତ୍ତ୍ୱା ଅବଧାନ ରେ ସୁଚାରୁ ରୁପରେ ପରିଚାଳନା କରାଯାଇ ଥିଲା ଶେଷରେ ସମସ୍ତେ ଏକାଠି ହୋଇ ରଜ ପର୍ବର ଶୁଭେଚ୍ଛା ବିନିମୟ କରିବା ସହିତ ରଜ ପୋଡ ପିଠା, ରଜ ପାନ ଏବଂ ଉପହାର ର ଆଦାନ ପ୍ରଦାନ କରିଥିଲେ । ଓଡ଼ିଆ ସମାଜ ର ସମସ୍ତ କାର୍ଯ୍ୟକ୍ରତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବ

ବିକାଶ ଚିତ୍ର ବଖାଣିଲା କୃଷି ବିଭାଗ

ଶେରଗଡ,୧୮।୬ : ନୂଆଁ ସରକାରଙ୍କ ନୂତନ ଚିନ୍ତାଧାରା ଯାହାକି, ବିକାଶ ର ମ୍ୟାପ ଲୋକଙ୍କ ପାଖରେ ପହଞ୍ଚିବା ଲାଗି ପ୍ରତି ବ୍ଲକରେ ଆରମ୍ଭ ହୋଇଛି ସରକାରୀ ପ୍ରସାର ଏବଂ ନାଗରିକ ସଂଯୁକ୍ତି କାର୍ଯ୍ୟକ୍ରମ। ଏହି ମର୍ମ ରେ ଗୁରୁବାର ଶେରଗଡ ବ୍ଲକର କାଉନ୍ସିଂ ହଲ ପରିସରରେ କୃଷି ଏବଂ କୃଷି ସମ୍ବନ୍ଧୀୟ ବିକାଶ ର ଚିତ୍ର ଦେଖାଇଥିଲା କୃଷି ବିଭାଗ। ୪ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ରେ ଆଜି ବ୍ଲକ କୃଷି ବିଭାଗ ନିଜ ସଫଳତା ର କାହାଣୀ ବଖାଣିଥିଲା। ଶେରଗଡ ବ୍ଲକର ୨୨ ଟି ପଞ୍ଚାୟତ ରେ ଚାଲିଛି କୃଷି ବିଭାଗର ବିକାଶ ର କାର୍ଯ୍ୟ। ପ୍ରତି ପଞ୍ଚାୟତ ରେ କୃଷି ବିଭାଗ ତରଫରୁ ଆସୁଥିବା ବିଭିନ୍ନ ଯୋଜନା ବାବଦରେ ଚାଷୀ ଙ୍କୁ ଅବଗତ କରିବା ସହ ପ୍ରାଣୀ ସମ୍ପଦ ତରଫରୁ ଲୋକଙ୍କ ଲାଗି ଥିବା ସମସ୍ତ ଯୋଜନା ସହିତ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଚାଷ ବିଷୟରେ ଉପସ୍ଥିତ ସମସ୍ତ ଚାଷୀ ମାନଙ୍କୁ ବଗତ କରିବା ସହ ବିଭାଗର ସଫଳତା ବଖାଣିଥିଲେ ଅଧିକାରୀ ଓ ଅଧିକାରିଣୀ। କୃଷି ବିଭାଗ ସହିତ ଜଡ଼ିତ ସମସ୍ତ ଜନକଲ୍ୟାଣ ଯୋଜନା ର ଲାଭ ଉଠାଇବା ଲାଗି ଉପସ୍ଥିତ ସମସ୍ତ ଚାଷୀ ମାନଙ୍କୁ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ। ଶେରଗଡ ବିଡିଓ ମିସ ତୃପ୍ତିମୟୀ ଜେନାଙ୍କ ଅଧକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ମିଶ୍ର, ବ୍ଲକ ପଶୁ ଚିକିତ୍ସା ଅଧିକାରୀ ଦୁର୍ଗା ପ୍ରସାଦ ହୋତା, ବ୍ଲକ ଉଦ୍ୟାନ କୃଷି ବିଭାଗର ଅଧିକାରିଣୀ ଅଳକା ବିଶ୍ୱାଳ,ବ୍ଲକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଦୁବରାଜ ଭୋଇ,କୋପରେଟିଭ ଏରିଆ ମ୍ୟାନେଜର ବିନୋଦା ନାହାକ ପ୍ରମୁଖ ମଞ୍ଚାସୀନ ଥିଲେ। ତେବେ ଆସନ୍ତା ସପ୍ତାହ ରୁ ପ୍ରତି ପଞ୍ଚାୟତ ରେ ସୁଭଦ୍ରା ଶକ୍ତି ସମାବେଶ ଆୟୋଜିତ ହେଉଛି।

NAC ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଯୁବ କଂଗ୍ରେସର ଶାନ୍ତିପୂର୍ଣ୍ଣ ଧାରଣା

ପାଟଣାଗଡ/ବଲାଙ୍ଗୀର, ୧୮।୬ : ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଅନ୍ତର୍ଗତ ବିଜ୍ଞପିତ ଅଞ୍ଚଳ ପରିଷଦ (NAC) ପାଟଣାଗଡ଼ର ନିର୍ବାହୀ ଅଧିକାରୀଙ୍କ କଥିତ ମନମାନି କାର୍ଯ୍ୟକଳାପ ଓ ଦୁର୍ନୀତି ବିରୋଧରେ ପାଟଣାଗଡ଼ ନଗର ଯୁବ କଂଗ୍ରେସ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରାଯାଇଛି। ଏହି ଧାରଣାରେ ଯୁବ କଂଗ୍ରେସ କର୍ମୀମାନେ ଘଇଉ ପ୍ରଶାସନର ବିଭିନ୍ନ କାର୍ଯ୍ୟରେ ସ୍ୱଚ୍ଛତାର ଅଭାବ, ଜନସାଧାରଣଙ୍କ ସମସ୍ୟା ପ୍ରତି ଅବହେଳା ଏବଂ ଦୁର୍ନୀତି ଅଭିଯୋଗକୁ ନେଇ ତୀବ୍ର ପ୍ରତିବାଦ କରିଥିଲେ। ସେମାନେ ପ୍ରଶାସନର ଜବାବଦେହିତା ନିଶ୍ଚିତ କରିବା ସହ ଅଭିଯୋଗଗୁଡ଼ିକର ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଯୁବ କଂଗ୍ରେସ ନେତୃବୃନ୍ଦ କହିଥିଲେ ଯେ, ସାଧାରଣ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ପରିବର୍ତ୍ତେ ଘଇଉ କାର୍ଯ୍ୟାଳୟରେ ମନମାନି ଓ ଅନିୟମିତତା ବଢ଼ିଚାଲିଛି। ଯଦି ପ୍ରଶାସନ ଶୀଘ୍ର ପଦକ୍ଷେପ ଗ୍ରହଣ ନକରେ, ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସତର୍କ କରାଯାଇଛି। ଧାରଣା ସ୍ଥଳରେ ବହୁ ସଂଖ୍ୟକ ଯୁବ କଂଗ୍ରେସ କର୍ମୀ ଓ ସମର୍ଥକ ଉପସ୍ଥିତ ରହି ସ୍ଲୋଗାନ ଦେଇ ପ୍ରତିବାଦ ଜଣାଇଥିଲେ।

ବଲାଙ୍ଗୀର ଜିଲ୍ଲାରେ ପୁଣି ଚାଞ୍ଚଲ୍ୟ

ଡାକ୍ତରଖାନାରେ ଅବହେଳା, ନବଜାତ ଶିଶୁ ମୃତ

ବଲାଙ୍ଗୀର, ୧୮।୬ : ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ପୁଣିଥରେ ଅବହେଳା ଅଭିଯୋଗକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ନବଜାତ ଶିଶୁର ମୃତ୍ୟୁ ଘଟଣା ପରେ ଡାକ୍ତରଖାନାର ପରିଚାଳନା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ବାରମ୍ବାର ଅବ୍ୟବସ୍ଥା ଓ ଅବହେଳା ଦେଖିବାକୁ ମିଳୁଛି। କେବେ ଡାକ୍ତରଙ୍କ ଅନୁପସ୍ଥିତି, କେବେ ମଦ୍ୟପ ଅବସ୍ଥାରେ ଔଷଧ ବଣ୍ଟନ, ତ ଆଉ କେବେ ରୋଗୀଙ୍କ ପରିବାର ସଦସ୍ୟଙ୍କ ସହ ଦୁର୍ବ୍ୟବହାର ଭଳି ଘଟଣା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଛି। ଉପଖଣ୍ଡ ମେଡିକାଲ ଅଧିକାରୀଙ୍କ କହିବା ଅନୁଯାୟୀ, ଡାକ୍ତରଖାନାରେ କର୍ମଚାରୀଙ୍କ ଅଭାବ ଥିବାରୁ ସଠିକ୍ ଭାବେ ପରିଚାଳନା କରିବାରେ ସମସ୍ୟା ହେଉଛି। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ଉପଲବ୍ଧ କର୍ମଚାରୀମାନେ ମଧ ନିଜ ଦାୟିତ୍ୱ ସଠିକ୍ ଭାବେ ପାଳନ କରୁନାହାନ୍ତି। ଡାକ୍ତରଖାନା ପରିସର ଏବଂ ଶୌଚାଳୟ ନିୟମିତ ସଫାସୁତରା ରଖିବାକୁ ନିର୍ଦ୍ଦେଶ ଥିଲେ ମଧ ସେଥିପ୍ରତି ଧ୍ୟାନ ଦିଆଯାଉନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏହି ପରିସ୍ଥିତିକୁ ନଜରରେ ରଖି କୋଶଳ ମୁକ୍ତି ମୋର୍ଚ୍ଚାର ସଭାପତି ଡିଙ୍ଗର କୁମ୍ଭାର, ସ୍ଥାନୀୟ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ସାମ୍ବାଦିକମାନେ ଡାକ୍ତରଖାନା ପରିଦର୍ଶନ କରିଥିଲେ। ସେମାନେ ଫିନାଇଲ, ହ୍ୟାଣ୍ଡୱାସ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ପ୍ରଦାନ କରି ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟସେବା ପ୍ରତି ସଚେତନତା ସୃଷ୍ଟି କରିଥିଲେ। ନବଜାତ ଶିଶୁର ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଡାକ୍ତରଖାନାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ସୁଧାର ଆଣିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଜିଲ୍ଲାର ବିକାଶ କଥା ବଖାଣିଲେ କ୍ୟାବିନେଟ୍ ମନ୍ତ୍ରୀ

କେନ୍ଦ୍ରାପଡ଼ା,୧୮।୬ : ରାଜ୍ୟର ବିଜେପି ସରକାରରେ ହୋଇଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକୁ କେନ୍ଦ୍ରାପଡ଼ା ଜିଲ୍ଲା ବାସୀ ଙ୍କ ସମ୍ମୁଖରେ ଏକ ଶ୍ୱେତ ପତ୍ର ଉପସ୍ଥାପନା କରିଥିଲେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା, ଭାଷା ସାହିତ୍ୟ ସଂସ୍କୃତିର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ। ନିର୍ବାଚନ ପୂର୍ବରୁ ଦେଇଥିବା ସମସ୍ତ କଥାର ପ୍ରାୟ ଦୁଇ ବର୍ଷ ରେ ୭୦ ପ୍ରତିସତ କଥା ରଖିଛନ୍ତି, ଯଥା କେନ୍ଦ୍ରାପଡ଼ା ରେ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା, ଭିତରକନିକା ରେ ଇକୋ କ୍ୟାମ୍ପ ନିର୍ମାଣ ବିଭିନ୍ନ ସରକାରୀ ମହାବିଦ୍ୟାଳୟ ର ଉନ୍ନତି କରଣ ପାଇଁ ଆବଶ୍ୟକ ମୂତାବକ ପାଣ୍ଠି ଯୋଗାଇବା ଇତ୍ୟାଦି ଇତ୍ୟାଦି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡର ର ଅଧ୍ୟକ୍ଷ ତଥା ମହାକାଳପଡ଼ା ର ବିଧାୟକ ଡଃ ଦୁର୍ଗା ପ୍ରଶନ୍ନ ନାୟକ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଙ୍କ ସହ ଅନ୍ୟାନ୍ୟ ସରକାରୀ ଅଧିକାରୀମାନେ ଉପସ୍ଥିତି ଥିଲେ ।

ରାଜ୍ୟ ନବମ ପ୍ରିଜୁନିଅର ଓ ଜୁନିଅର ପେନକାକ ସିଲଟ ପ୍ରତିଯୋଗିତା

୬ ସ୍ୱର୍ଣ୍ଣ, ୮ ରୋପ୍ୟ ଓ ୯ ଜଣ କାଂଶ୍ୟ ପଦକ ହାସଲ

ବ୍ରହ୍ମପୁର,୧୮।୬ : ଖୋର୍ଦ୍ଧା ଜିଲ୍ଲାର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ରାଜ୍ୟ ନବମ ପ୍ରିଜୁନିଅର ଓ ଜୁନିଅର ପେନକାକ ସିଲଟ ପ୍ରତିଯୋଗିତା ହୋଇଥିଲା । ଗତ ୧୧ରୁ ୧୩ ତାରିଖ ତିନି ଦିନ ଧରି ଆୟୋଜିତ ହୋଇଥିବା ଏହି ଖେଳରେ ଗଞ୍ଜାମ ଜିଲ୍ଲାରୁ ୨୧ ଜଣ ବାଳକ ଓ ବାଳିକା ଖେଳାଳି ଅଂଶ ଗ୍ରହଣ କରିଥିଲେ। ସେଥି ମଧ ରୁ ୬ ଜଣ ସ୍ୱର୍ଣ୍ଣ ପଦକ, ୮ ଜଣ ରୋପ୍ୟ ପଦକ ଏବଂ ୯ ଜଣ କାଂଶ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ରେ ବାଳକ ବର୍ଗ ରେ ମାରୁତି ପ୍ରସାଦ ସମନ୍ତରାୟ, ସାଇ କ୍ରିଷ୍ଣା ପାଣିଗ୍ରାହୀ ଏବଂ ବାଳିକା ବର୍ଗ ରେ ଅର୍ପିତା ଗୌଡ଼, ସ୍ନେହାଞ୍ଜଳି ସାହୁ, ରୋଶନୀ ସାହୁ, ପ୍ରିୟାଂଶି ପାତ୍ର, ଆୟାଂଶି ପଟନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଖେଳାଳୀ ମାନଙ୍କ ଏଭଳି ସଫଳତା ପାଇବା ପରେ ଗଞ୍ଜାମ ପେନଚାକ ସିଲଟ ଆସୋସିଏସନର ସଭାପତି ରବି କୁମାର ସାହୁ ଏବଂ କୃତି ହାସଲ କରିଥିବା ପରିବାର ବର୍ଗ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଏଥିରେ ଉତ୍ତମ ପ୍ରଦର୍ଶନ କରିଥିବା ଖେଳାଳୀ ମାନେ ଜୁନିଅର ଜାତୀୟ ପ୍ରତିଯୋଗୀତା ନାସିକ ଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ସେଠାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଛନ୍ତି । ସେପଟେ କୃତି ଖେଳକି ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ।

ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍

ଛତ୍ରପୁର,୧୮।୬ : ଜିଲ୍ଲା ପ୍ରଶାସନ ତରଫରୁ ଆଜି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ (Disaster Management Exercise (DMEx)-୨୦୨୬ ଅନ୍ତର୍ଗତ ଏକ ଟେବୁଲ୍ ଟପ୍ ଏକ୍ସରସାଇଜ୍ 'Table Top Exercise' (TTEx) ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ ସମୟର ପ୍ରସ୍ତୁତି, ସମନ୍ୱୟ କ୍ଷମତା ଏବଂ ପ୍ରତିକ୍ରିୟା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ପରୀକ୍ଷା କରିବା ଥିଲା ଏହି ଅଭ୍ୟାସର ମୂଳ ଉଦ୍ଦେଶ୍ୟ। ଗଞ୍ଜାମ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ, ବିଶେଷକରି ଘୂର୍ଣ୍ଣିଝଡ଼, ବନ୍ୟା ଏବଂ ବଜ୍ରପାତ ପ୍ରବଣ ଅଞ୍ଚଳ ହୋଇଥିବାରୁ, ଜିଲ୍ଲା ପ୍ରଶାସନ ବିଶେଷକରି କ୍ଷେତ୍ରସ୍ତରରେ ସଦାସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ଟେବୁଲ୍ ଟପ୍ ଏକ୍ସରସାଇଜ୍ ମାଧ୍ୟମରେ ଏକ କଳ୍ପିତ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି କରାଯାଇ, ବିଭିନ୍ନ ବିଭାଗ ତରଫରୁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଓ କାର୍ଯ୍ୟପନ୍ଥା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଅଭ୍ୟାସ ସମୟରେ ପ୍ରତ୍ୟେକ ବିଭାଗ ନିଜ ନିଜ ଦାୟିତ୍ୱ ଅନୁଯାୟୀ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରେ କରାଯିବାକୁ ଥିବା କାର୍ଯ୍ୟାବଳୀ ସମ୍ପର୍କରେ ମତାମତ ଦେଇଥିଲେ । ଏହାଦ୍ୱାରା ବିଭିନ୍ନ ବିଭାଗର ପ୍ରସ୍ତୁତି ସ୍ଥିତି, ଉପଲବ୍ଧ ସମ୍ବଳ, ମାନବ ସମ୍ବଳ ଓ ସମନ୍ୱୟ ବ୍ୟବସ୍ଥାର ମୂଲ୍ୟାଙ୍କନ କରାଯାଇପାରିଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ "ପ୍ରସ୍ତୁତି ହିଁ ଜୀବନ ରକ୍ଷାର ମୂଳମନ୍ତ୍ର"। ସମୟୋପଯୋଗୀ ପ୍ରସ୍ତୁତି, ସଠିକ୍ ସୂଚନା ପ୍ରବାହ ଏବଂ ଅନ୍ତଃବିଭାଗୀୟ ସମନ୍ୱୟ ହିଁ ବିପର୍ଯ୍ୟୟ ସମୟରେ କ୍ଷୟକ୍ଷତିକୁ ସର୍ବନିମ୍ନ କରିଥାଏ । ଏହି ଅଭ୍ୟାସ ମାଧ୍ୟମରେ ଚିହ୍ନଟ ହୋଇଥିବା ଶକ୍ତି ଓ ଦୁର୍ବଳତା ଗୁଡ଼ିକୁ ବିଶ୍ଲେଷଣ କରି ଭବିଷ୍ୟତରେ ଜିଲ୍ଲାର ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରତିକ୍ରିୟା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ। ସମସ୍ତେ ମିଳିତ ଭାବେ ଏକ ସୁରକ୍ଷିତ, ସଚେତନ ଓ ସକ୍ଷମ ଗଞ୍ଜାମ ଗଢ଼ି ତୋଲିବା ନେଇ ବୈଠକରେ ସଂକଳ୍ପ ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ନିରୀକ୍ଷକ ତଥା ଓସଡମା (OSDMA)ର ଜେନେରାଲ୍ ମ୍ୟାନେଜର ବେବିନା ମଞ୍ଜରୀ ନାୟକ, ବିଭାଗୀୟ ଅଧିକାରୀ, ଡେପୁଟି କଲେକ୍ଟର (ଜରୁରୀକାଳୀନ) ସୁନୀଲ ସାଇ ଦେବାଶିଷ ଓ କ୍ଷେତ୍ରସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ପଞ୍ଚାୟତ ସମିତିସ୍ତରୀୟ ଜାତି ଜନଜାତି ସମ୍ବାଦ ବୈଠକରେ ଅବ୍ୟବସ୍ଥା

ଡିଜି ଓ କରେଣ୍ଟ ନ ଥିବାରୁ ଗରମରେ ସିଜିଲେ ସାଂସଦଙ୍କ ସମେତ ହିତାଧୀକାରୀ

ହାଟଡିହି,୧୮।୬ : ରାଜ୍ୟର ବିଜେପି ସରକାର ଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ରେ 'ଜାତି ଜନଜାତି ସମ୍ବାଦ ବୈଠକ'ଅନୁଷ୍ଠିତ ହୋଇଯାଇଛି ।ବିଡ଼ିଓ ରଞ୍ଜନ କୁମାର ପରିଡ଼ା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ବୈଠକ ରେ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଗତ ଦୁଇ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସାଂସଦ ଅନନ୍ତ ଚରଣ ନାୟକ ,ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ର ବିଧାୟକ ପାର୍ଥୀ ଆଲୋକ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତ ସିଂହାର,ବିଜେପି ନେତ୍ରୀ ମିନତୀ ମହାପାତ୍ର ଓ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ ।ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଆକାଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।ବ୍ଲକ ର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।ଏହି ଅବସରରେ ବ୍ଲକ ର ବିଭିନ୍ନ ପଞ୍ଚାୟତ ରୁ ବହୁ ସଂଖ୍ୟକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହିତାଧୀକାରୀ ସାମିଲ ହୋଇଥିଲେ । ସାଂସଦ ଙ୍କୁ ଯେପରି ସ୍ୱାଗତ କରାଗଲା ସବୁ ଭାବୁଥିଲେ କାର୍ଯ୍ୟକ୍ରମ ଏକଦମ୍ ସରସ ସୁନ୍ଦର ହେବ । କିନ୍ତୁ ମାନ୍ୟବର ସାଂସଦ ଅନନ୍ତ ନାୟକ ଓ ଅନ୍ୟ ଅତିଥିମାନେ ଦେଖିଲେ ତ୍ରୁଟି କିନ୍ତୁ ଖୋଲିଲେ ନାହିଁ ପାଟି। ଦିନ ଦୁଇ ଟା ବେଳେ ତାପମାତ୍ରା ବଢ଼ିବା ସହ ଅସହ୍ୟ ଗୁଳୁ ଗୁଳି ରେ ସାଂସଦ ଅନନ୍ତ ନାୟକ ଅତିଥିଭାବେ ଯୋଗଦାନ କରିଥିବା ସଭା ଗୃହ ରେ କରେଣ୍ଟ ସମସ୍ୟା ରହିଥିବା ବେଳେ କୌଣସି ଏସି କି ଫ୍ୟାନ ଚାଲି ନଥିଲା। ଯାହା ଫଳରେ ତଳେ ବସିଥିବା ଜାତି ଓ ଜନଜାତି ଶ୍ରେଣୀ ର ଲୋକେ ରାଗି କି ଅତିଷ୍ଠ ହୋଇଥିଲେ। ଏହା ଦ୍ୱାରା ଲୋକଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ କଣ ରହିଛି ତାହା ଆଲୋଚନା ହେବା ବେଳକୁ ଲୋକେ ଝାଳ ରେ ବୁଡ଼ି ବା ସହ ମାନ୍ୟବର ସାଂସଦ ସମ୍ପୂର୍ଣ୍ଣ ଝାଳ ରେ ଗାଧୋଇ ପଡ଼ିଥିଲେ। ବିଡ଼ିଓ ରଞ୍ଜନ କୁମାର ପରିଡ଼ା ବାରମ୍ବାର ଠିକ୍ କର ଠିକ କର କହିଥିଲେ ବି ଇନଭାଇଟର ବ୍ୟାଟେରୀ ଶବ୍ଦ କୁଁ କୁ କରି ସମସ୍ତ ଙ୍କୁ ସତର୍କ କରୁଥିଲା। ଏହାରି ମଧ୍ୟରେ ବ୍ଲକ ରେ ଥିବା ଦୁଇ ଦୁଇଟି ଡିଜି ଅଚଳ ଅବସ୍ଥାରେ ପଡ଼ି ରହିଥିବା ବେଳେ ଭଡ଼ା ରେ ଆସିଥିବା ଜେନେରେଟର ମଧ ଚାଲିନଥିଲା। ଯାହା ଫଳରେ ମାନ୍ୟବର ସାଂସଦ ଅନନ୍ତ ନାୟକ ଝାଳ ଓ ଅନ୍ଧାରରେ ମାତ୍ର ଆଠ ମିନିଟ ରେ ସଭା ସାରି ଦେଇଥିଲେ। ମୋହନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପଞ୍ଚାୟତ ସମିତି ସ୍ତରରେ ଏହିଭଳି ଅବ୍ୟବସ୍ଥାରେ ପାଳନ କରିବା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିରେ ଅନେକ ତ୍ରୁଟି

ଛାତ୍ର ଛାତ୍ରୀ ଓ ଶିକ୍ଷକ ଅଭିଭାବକ ପାଇଁ ପାଲଟିଛି ଚିନ୍ତା

ବଣାଇ,୧୮।୬: ଖରା ଛୁଟି ସରିବାକୁ ବସିଲାଣି, ଆଉ ଦୁଇ ଦିନ ପରେ ସ୍କୁଲପଖୋଲିବ ଏବେବି ବହୁତ୍ ଛାତ୍ର ଛାତ୍ରୀଙ୍କୁ ମିଳିନି ବହି, ଜଉଠୀ ମିଳିଛି ତ୍ରୁଟିପୂର୍ଣ୍ଣ ବହି ମିଳିଛି ନୂଆ ବହି ମଧ୍ୟ ଅନେକ ଛାତ୍ର ଛାତ୍ରୀ ପାଇ ସାରିଲେଣି, ହେଲେ ଚିନ୍ତା ବଢ଼ାଇଛି ତ୍ରୁଟି ପୂର୍ଣ୍ଣ ବହି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିରେ ଅନେକ ତ୍ରୁଟି ଥିବା ନେଇ ଏବେ ଉଭୟ ଛାତ୍ର ଛାତ୍ରୀ ଓ ଶିକ୍ଷକ ଅଭିଭାବକ ପାଇଁ ଚିନ୍ତା ପାଲଟିଛି। ଏନେଇ ସ୍ଥିତି ପରଖିବା ପାଇଁ ଆମେ ପହଞ୍ଚିଥିଲୁ ସୁନ୍ଦରଗଡ ଜିଲ୍ଲା ବଣେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଓ ଆଲୋଚନା କରିଥିଲୁ ସେଠାରେ ଉପସ୍ଥିତ ଥିବା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହିତ ସେ କହିଥିଲେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୫ ପ୍ରକାର ପ୍ରାୟ ବହି ରହିଥିବା ବେଳେ ପ୍ରାୟ ୮୦ ପ୍ରତିଶତ ବହି ଆସି ଅଧିକାଂଶ ସ୍କୁଲରେ ବଣ୍ଟନ ସରୀ ଯାଇଚି ତ୍ରୁଟି ପୂର୍ଣ୍ଣ ବହି ସମ୍ବନ୍ଧରେ ଆମେ ନିଉଜ ମାଧ୍ୟମରେ ଦୁଇ ଦିନ ହେଲା ଜାଣିବାକୁ ପାଇଲୁ ବହି ସବୁ ବହୁତ୍ ପୂର୍ବରୁ ସ୍କୁଲକୁ ଯାଇ ଛାତ୍ର ଛାତ୍ରୀଙ୍କୁ ବଣ୍ଟନ କରି ସାରିଚୁ ଆଉ କିଛି ବହି ବଣ୍ଟନ ପାଇଁ ବାକି ରହିଛି ତେବେ ସେହି ବହି ବଣ୍ଟନ ହେବକି ନାହିଁ ଆମକୁ ଉପରୁ କିଛି ନିର୍ଦ୍ଦେଶ ଆସିନାହିଁ ବୋଲି ସୂଚନା ଦେଇଥିଲେ, ହେଲେ ଏଠାରେ ସବୁଠାରୁ ବଡ ପ୍ରଶ୍ନ ହେଲା କୋଟି କୋଟି ଟଙ୍କାରେ ଏକ କୋଟି ଅଠାନବେ ହଜାର ବହି ଛପା ଯାଇ ବଣ୍ଟନ ହୋଇଗଲା କିନ୍ତୁ ଏବେ ଏହି ତ୍ରୁଟି ପୂର୍ଣ୍ଣ ବହିକୁ ନେଇ ଶିକ୍ଷକ କେମିତି ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ କରିବେ ଏନେଇ ଚିନ୍ତାରେ। ଏପଟେ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ତ୍ରୁଟି ସଂଶୋଧନ କରାଯିବ ତେବେ କେମିତି ତ୍ରୁଟି ସଂଶୋଧନ କରିବେ ସରକାର ପୁନର୍ବାର ୫୦ କୋଟି ଟଙ୍କା ଖର୍ଚ୍ଚ କରି ପୁଣି ଆଉଥରେ ବହି ଛପା ଯିବ ନା ବଣ୍ଟନ ହୋଇଥିବା ବହିକୁ ପ୍ରତ୍ୟାବର୍ତ୍ତନ ଆଣି ତାକୁ ସଂଶୋଧନ କରିବେ ସରକାର। ଦେଖିବାକୁ ବାକି ରହିଲା ସରକାରଙ୍କ ପକ୍ଷରୁ କଣ ପଦକ୍ଷେପ ନିଆଯାଉଛି ।

ଜରଡ଼ାଗଡ଼ରେ ଠାକୁରାଣୀ ଯାତ୍ରା ଆରମ୍ଭ

ପାତ୍ରପୁର, ୧୮।୬ : ପାତ୍ରପୁର ବ୍ଲକ ଜରଡ଼ା ଠାରେ ଠାକୁରାଣୀ ଯାତ୍ରା ବୁଧବାର ଠାରୁ ଆରମ୍ଭ ହୋଇଯାଇଛି । ବୁଧବାର ରାତ୍ର ୯ ଘଣ୍ଟ ସମୟ ରେ ରାଜବାଟି ଠାରୁ ସମସ୍ତ ଗ୍ରାମବାସୀ,ସଂକୀର୍ତନ ମଣ୍ଡଳୀ , ବାରିକ ବାଦ୍ୟ ଢୋଲ ଓ ଶଙ୍ଖ ମହୁରୀ, ବେଶ ପଟୁଆର ସହ ରେ ମା ଙ୍କୁ ନିମନ୍ତ୍ରଣ ନିମନ୍ତେ ସ୍ଥାୟୀ ମନ୍ଦିର ନିକଟକୁ ଯାଇ ମାଙ୍କୁ ଅସ୍ଥାୟୀ ମନ୍ଦିର ନିକଟକୁ ପାଛୋଟି ଆଣିଥିଲେ। ସଭାପତି ସାରଥୀ ପ୍ରସାଦ ବିଷୋୟୀ ଉପ ସଭାପତି ଭାସ୍କର ଚନ୍ଦ୍ର ବେହେରା,ଆନନ୍ଦ ବେହେରା ସମ୍ପାଦକ ବସନ୍ତ ବାହୁକ ,ସହ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ କୋଷାଧକ୍ଷ ଜି ତ୍ରିନାଥ ଦୋରା ଙ୍କ ସମେତ ଯୁବ ଗୋଷ୍ଠୀ ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ । ମୁଖ୍ୟ ଯାନୀ ସଞ୍ଜୟ କୁମାର ପଣ୍ଡା ଙ୍କ ଦ୍ୱାରା ମା ଙ୍କୁ ଓ କାଳୀକା ଙ୍କୁ ଆବାହନ କରାଯାଇଥିଲା। ମା ଜଗତ ଜନନୀ ଙ୍କ ଯାତ୍ରା ୧୭ ତାରିଖ ଠାରୁ ଆରମ୍ଭ ହୋଇ ୨୩ ତାରିଖରେ ଶେଷ ହେବାକୁ ଥିବା ବେଳେ ପ୍ରତିଦିନ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାରତ ଲୀଳା,ରାମାୟଣ ,ରାଧା ପ୍ରେମଲୀଳା ,ମହାଭାରତ ନବରଙ୍ଗୀ ଓ ମେଲୋଡ଼ି ପରିବେଷଣ ର ବ୍ୟବସ୍ଥା କରଯାଇଛି । ଆଲୋକ ତୋରଣରେ ଜରଡ଼ା ଝଲୁସିଥିବା ବେଳେ ରାମ ଦୋଳି, ମିନା ବଜାର ଯୋଗୁଁ ଭିଡ଼ ହେବା ଦୃଷ୍ଟିରେ ରଖି ଜରଡ଼ା ଥାନା ତତଫରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।

କେବେ ଦୂର ହେବ ଖଣିରେ ଜମି ହରାଇଥିବା ଲୋକଙ୍କ ସମସ୍ୟା

ବଣାଇ,୧୮।୬ : ଓଡିଶାର ଏକ ପ୍ରମୁଖ ଜିଲ୍ଲା ଭାବରେ ସୁନ୍ଦରଗଡ଼ ପରିଚିତ । ଜିଲ୍ଲାରେ ପ୍ରଚୁର ମାତ୍ରାରେ ଖଣିଜ ସମ୍ପଦ ଗଚ୍ଛିତ ଥିବା ବେଳେ ଏହି ଖଣିଜ ସମ୍ପଦରୁ ସରକାର ଓ କମ୍ପାନୀ କୋଟି କୋଟି ଟଙ୍କାର ଲାଭବାନ ହେଉଥିବା ବେଳେ ଅଞ୍ଚଳ ଓ ବିସ୍ଥାପିତ ମାନଙ୍କ ସମସ୍ୟା ସୁଧୁରି ପାରୁନି। ହେମଗିର ବ୍ଲକରେ ଏମସିଏଲ, ବେଦାନ୍ତ, ଆଦାନୀ, ଏନଟିପିସି, ଓସିପିଏଲ ଭଳି ଅନେକ ବଡ଼ ବଡ଼ କମ୍ପାନୀ ଜମି ଅଧିଗ୍ରହଣ କରି ଖଣି ଖନନ କରୁଥିବା ବେଳେ ହଜାର ହଜାର ଲୋକ ନିଜ ଭିଟାମାଟି ଛାଡ଼ି ହେଉଛନ୍ତି ବିସ୍ଥାପିତ। ବିକାଶ ପାଇଁ ଜମି ଛାଡିଲେ ବିସ୍ଥାପିତ ହେଲେ କିନ୍ତୁ ସେମାନଙ୍କୁ ନ୍ୟାୟ ପାଇଁ ଲଢେଇ କରିବାକୁ ପଡୁଛି । ପ୍ରଭାବିତ ଲୋକଙ୍କର ମଧ ଖଣି ଦ୍ୱାରା ଜଳ , ବାୟୁ ଓ ଶବ୍ଦ ପ୍ରଦୂଷଣ ଯୋଗୁଁ ନଦୀ ନଳ , କୂଅ ପୋଖରୀ , ଜମି , ଜଙ୍ଗଲ ସହ ଗ୍ରାମ ଗୁଡ଼ିକ ପ୍ରଦୂଷିତ ହେବାରୁ ଜୀବନ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିସ୍ଥାପିତ ହେଲେ କିନ୍ତୁ ତାଙ୍କର କୌଣସି ପ୍ରକାରର ଦାବି ପୂରଣ ହୋଇପାରିଲା ନାହିଁ। ସ୍ଥାନୀୟ ଯୁବକ ଯୁବତୀ ମାନଙ୍କୁ କୋଇଲା ଖଣିରେ ନିଯୁକ୍ତି, ଉପଯୁକ୍ତ କ୍ଷତିପୂରଣ, ଥଇଥାନ,ଝିଅ ମାନଙ୍କ ପାଇଁ ଓସିଏସ ପ୍ରଦାନ, ସ୍ଥାନୀୟ ଅଧିବାସୀ ମାନଙ୍କୁ ନିଯୁକ୍ତି, ଅଞ୍ଚଳର ବିକାଶ। ଏହି ସବୁ ଦାବି ନେଇ ଅନେକ ଥର ଜିଲା ପ୍ରଶାସନର ଦ୍ୱାରସ୍ଥ ସୋଇ ମଧ ମଧ କୌଣସି ସୁଫଳ ମିଳିପାରୁନାହିଁ। ଅନେକ ସମୟରେ ବିସ୍ଥାପିତ ମାନେ ଆନ୍ଦୋଳନକୁ ଓହ୍ଲାଇ ଛନ୍ତି। ତେବେ ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଦୁଇ ମଦ ବେପାରୀ ଗିରଫ

ବସ୍ତା,୧୮।୬ : ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବସ୍ତା ଥାନା ଅନ୍ତର୍ଗତ କୁଠିଆ ଓ ଦରଡ଼ା ଠାରେ ଚଢାଉ କରି ୬୮ ଲିଟର ଦେଶୀ ମଦ, ଗୋଟିଏ ବାଇକ ସହିତ ୨ଜଣ ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ୍ ଅଭିଯୁକ୍ତ ମାନେ ହେଲେ ସାହାଡ଼ା ଗ୍ରାମର ଉଜ୍ଜଳ ଚକ୍ରବର୍ତ୍ତୀ(୬୫) ଓ କୁଠିଆ ଗ୍ରାମର ରିତମ ପାତ୍ର(୨୩)। ସୂଚନା ଅନୁସାରେ ରିତମ ଗୋଟିଏ ପଲସର ବାଇକରେ ୫୦ ଲି ଦେଶୀ ମଦ ନେଇ ଯାଉଥିବା ସମୟରେ ଦରଡ଼ା ଛକ ନିକଟରେ ଅବକାରୀ ବିଭାଗ ତାକୁ କାବୁ କରିଥିବା ବେଳେ ଉଜ୍ଜଳଙ୍କୁ ତା ଗାଁରୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ୪୪/୨୬ ଏବଂ ୪୫/୨୬ ମୂଳେ ଦୁଇଟି ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇ ଦୁହିଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଚଢାଉରେ ଏ ଏସ ଆଇ ଦିଲ୍ଲିପ ଟୁଡୁଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ।

କାର୍ଯ୍ୟାଳୟରେ ବିକାଶଧାରା ଓ ଓଡିଶାସାରା କାର୍ଯ୍ୟକ୍ରମ

କୋଟପାଡ଼, ୧୮।୬ : ଆଜି କୋଟପାଡ଼ ବ୍ଲକ କାର୍ଯ୍ୟାଳୟ ଠାରେ ମୁଖ୍ୟ ଅତିଥି କୋଟପାଡ଼ ବିଧାୟକ ରୁପୁ ଭତରାଙ୍କ ଅଧ୍ୟକ୍ଷତାରେ 'ବିଶେଷ ସମ୍ପର୍କ ଅଭିଯାନ' ମାଧ୍ୟମରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷର ସଫଳ ଶାସନ କାଳରେ ହୋଇଥିବା ବିଭିନ୍ନ ବିକାଶମୂଳକ ଯୋଜନା ଉପରେ ବିଶେଷ ଆଲୋଚନା ସହିତ ଅନୁଷ୍ଠିତ ହୋଇଥିଲା,କୋଟପାଡ଼ ବ୍ଲକ ବିଡ଼ିଓ ସନ୍ଧ୍ୟାରାଣୀ ସମରଥଙ୍କ ତତ୍ତ୍ୱାବଧାନ, ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଗୀତାଞ୍ଜଳି ଗଣ୍ଡ,ସନମାନିତ ଅତିଥି ସାଂସଦ ପ୍ରତିନିଧି ଆଶୁତୋଷ ମହାପାତ୍ର,ରାମେଶ୍ୱର ଜେନା,ସି.ଡ଼ି.ପି.ଓ ଭାରତୀ ମହାନ୍ତି ପ୍ରମୁଖ ମଞ୍ଚ ବିରାଜମାନ ଥିଲେ,କୋଟପାଡ଼ ବ୍ଲକର ସମସ୍ତ ପଞ୍ଚାୟତର ବୁଦ୍ଧିଜିବି,ମହିଳାମାନେ ଉପସ୍ଥିତ ଥିଲେ,ବିଶେଷକରି ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଷ୍ଟାଲ ଗୁଡିକ କରାଯାଇ ଉପସ୍ଥିତ ଜନସାଧାରଣ ଓ ବୁଦ୍ଧିଜୀବୀ ମାନଙ୍କୁ ସଚେତନତା କରାଯାଇଥିଲା,ସମସ୍ତ ପଞ୍ଚାୟତ ମାନଙ୍କରେ ସ୍ଥାନୀୟ କର୍ତୃପକ୍ଷଙ୍କ ଦାୟିତ୍ୱ ଓ କର୍ତବ୍ୟ,ସ୍ୱଚ୍ଛତା ହିଁ ସେବା, ସ୍ୱଚ୍ଛ କୋଟପାଡ଼ ଗଠନ କରିବା ସହିତ ସ୍ୱଚ୍ଛ କୋଟପାଡ଼ ସୁସ୍ଥ କୋଟପାଡ଼ କରିବା ସହିତ ଜିଲ୍ଲା ଜଳ ଓ ପରିମଳ ମିଶନ କୋରାପୁଟ ଜିଲ୍ଲା ସମସ୍ତ ବ୍ଲକରେ ଉପସ୍ଥାପନା କରାଯାଇଥିଲା,ଆଜିର ଏହି କାର୍ଯ୍ୟକ୍ରମରେ ବିଧାୟକ ନିଜ ଅଭିଭାଷଣରେ ସମସ୍ତ ପଞ୍ଚାୟତବାସୀ ମାନଙ୍କୁ ବ୍ଲକ କର୍ମଚାରୀ ମାନେ ନିଜ ନିଜ ଦାୟିତ୍ୱରେ ସହଯୋଗ କରି ପୂର୍ଣ୍ଣ ସହାୟତା ପାଇଁ ପ୍ରକାଶ କରିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାର ୨ ବର୍ଷ ଓ ୧୨ ବର୍ଷ ପୂର୍ତ୍ତି ଅବସରରେ କୋଟପାଡ଼ ବ୍ଲକର ବିକାଶ ଧାରା ଗୁଡିକ ଉପସ୍ଥାପନା କରିଥିଲେ, ବିଡ଼ିଓ ସନ୍ଧ୍ୟାରାଣୀ ସମରଥ ଉପସ୍ଥିତ ସମସ୍ତ ଅତିଥି ଓ ପଞ୍ଚାୟତର ସମସ୍ତ ବୁଦ୍ଧିଜୀବୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଗ୍ରାମବାସୀଙ୍କ ଅସହଯୋଗରେ ଅତିଷ୍ଠ ପରିବାର, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୧୮।୬ : କୋରାପୁଟ ଜିଲ୍ଲା ବୋଇପାରିଗୁଡା ବ୍ଲକ ଅନ୍ତର୍ଗତ ଖିଲଗୁଡା ଗ୍ରାମର ଏକ ପରିବାରକୁ ସାମାଜିକ ଭାବେ ଏକଘରିଆ କରାଯାଇଥିବା ଅଭିଯୋଗ ନେଇ ପରିବାର ଲୋକେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ୭୦ ବର୍ଷୀୟ ରାମା ଖିଲ ଏନେଇ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ରାମା ଖିଲଙ୍କ ପୁଅ ସନୁ ଖିଲଙ୍କ କହିବା ଅନୁସାରେ, ସେମାନଙ୍କ ପରିବାର ପୂର୍ବପୁରୁଷ ଅମଳରୁ ଖିଲଗୁଡା ଗ୍ରାମରେ ବସବାସ କରିଆସୁଛି। ତେବେ ପ୍ରାୟ ଦୁଇ ବର୍ଷ ଧରି ଗ୍ରାମର କିଛି ବ୍ୟକ୍ତିଙ୍କ ପ୍ରରୋଚନାରେ ଅନ୍ୟ ପରିବାରମାନେ ସେମାନଙ୍କ ସହ ସମ୍ପର୍କ ବନ୍ଦ କରିଦେଇଥିବା ସେ ଅଭିଯୋଗ କରିଛନ୍ତି। ପରିବାରର ଅଭିଯୋଗ ଅନୁଯାୟୀ, ଗ୍ରାମର କୌଣସି ସାମାଜିକ କିମ୍ବା ଧାର୍ମିକ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରାଯାଉନାହିଁ। ଏପରିକି ଗ୍ରାମର ଅନ୍ୟ ପିଲାମାନଙ୍କ ସହ ସେମାନଙ୍କ ପିଲାମାନେ ଖେଳିବାର ସୁଯୋଗ ମଧ ପାଉନାହାନ୍ତି। ନଳକୂପରୁ ପାଣି ନେବା ସମୟରେ ମଧ ପରିବାରର ମହିଳାମାନଙ୍କ ସହ କେହି କଥାବାର୍ତ୍ତା କରୁନଥିବା ଅଭିଯୋଗ ହୋଇଛି। ପୂର୍ବରୁ ବୋଇପାରିଗୁଡା ଥାନାରେ ଅଭିଯୋଗ କରାଯାଇଥିଲେ ମଧ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ପରିବାର ପକ୍ଷରୁ କୁହାଯାଇଛି। ସରପଞ୍ଚ ଓ ସମାଜର ମୁଖିଆମାନେ ମଧସ୍ଥତା ପାଇଁ ଉଦ୍ୟମ କରିଥିଲେ ହେଁ ଗ୍ରାମବାସୀଙ୍କ ସହଯୋଗ ମିଳିନଥିବା ଅଭିଯୋଗ ରହିଛି। ଏହି ପରିସ୍ଥିତିରେ ପରିବାର ଭୟ ଓ ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଥିବା ବେଳେ ଜିଲ୍ଲାପାଳ ଅଭିଯୋଗପତ୍ରକୁ ଜୟପୁର ଉପଜିଲ୍ଲାପାଳଙ୍କ ନିକଟକୁ ପଠାଇଥିବା ଏବଂ ସେଠାରେ ସାକ୍ଷାତ କରିବାକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ବର୍ତ୍ତମାନ ଘଟଣାର ପ୍ରଶାସନିକ ତଦନ୍ତ ଓ ସମାଧାନ ଦିଗରେ ଦୃଷ୍ଟି ରହିଛି।

ଶୀତଳଷଷ୍ଠୀରେ ଭକ୍ତିର ମହାମିଳନ

ବାବା ଅମରେଶ୍ୱର ପୀଠରେ ସମ୍ପନ୍ନ ହେଲା ଦେବଦମ୍ପତିଙ୍କ ଦିବ୍ୟ ବିବାହ

ଜଗତସିଂହପୁର, ୧୮।୬ : ଜଗତସିଂହପୁର ଜିଲ୍ଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ କୋଲଡିଆ ଗ୍ରାମରେ ଅବସ୍ଥିତ ପ୍ରସିଦ୍ଧ ବାବା ଅମରେଶ୍ୱର ପୀଠରେ ପବିତ୍ର ଶୀତଳଷଷ୍ଠୀ ଅବସରରେ ମହାଦେବ ଓ ମା' ପାର୍ବତୀଙ୍କ ଦିବ୍ୟ ବିବାହ ଉତ୍ସବ ଅତ୍ୟନ୍ତ ଆଡମ୍ବର ଓ ଭକ୍ତିମୟ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ଦେବଦମ୍ପତିଙ୍କ ଏହି ପୌରାଣିକ ବିବାହ ଉତ୍ସବକୁ ନେଇ ସମଗ୍ର କୋଲଡିଆ ଗ୍ରାମ ଉତ୍ସବମୁଖର ହୋଇଉଠିଥିବା ବେଳେ ଆଖପାଖ ଅଞ୍ଚଳରେ ମଧ ଭକ୍ତିର ମାହୋଲ ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଏହି ଉତ୍ସବକୁ ନେଇ ମନ୍ଦିର ପରିସର ଏବଂ ସମଗ୍ର ଗ୍ରାମକୁ ସୁସଜ୍ଜିତ କରାଯାଇଥିଲା। ଗତକାଲି ଜାଇ ଅନୁକୂଳ, ନିବନ୍ଧ ଓ ଅନ୍ୟାନ୍ୟ ପାରମ୍ପରିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ବେଳେ ଆଜି ପ୍ରଭାତରୁ ବାବା ଅମରେଶ୍ୱରଙ୍କ ରୁଦ୍ରାଭିଷେକ, ପୂଜାର୍ଚ୍ଚନା ଓ ବିଭିନ୍ନ ବୈଦିକ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବର ନିମନ୍ତ୍ରଣ କରାଯାଇ ମହାଦେବଙ୍କ ଭବ୍ୟ ବରଯାତ୍ରା ବାହାରିଥିଲା। ବରଯାତ୍ରାରେ ଘଣ୍ଟ, ଶଙ୍ଖ, ହୁଳହୁଳି, ହରିନାମ ସଂକୀର୍ତ୍ତନ, ରୋଷଣୀ ବାଣ ଏବଂ ଆକର୍ଷଣୀୟ ଲୋକନୃତ୍ୟ ଉତ୍ସବର ଶୋଭା ବଢ଼ାଇଥିଲା। ଢୋଲ, ମହୁରୀ ଓ ସଂକୀର୍ତ୍ତନର ତାଳେ ତାଳେ ଶତାଧିକ ଭକ୍ତ ନୃତ୍ୟ କରି ଆଗକୁ ବଢ଼ିଥିବା ବେଳେ ସମଗ୍ର ଅଞ୍ଚଳ ଶିବମୟ ପରିବେଶରେ ପରିଣତ ହୋଇଯାଇଥିଲା। ବରଯାତ୍ରାରେ ଗ୍ରାମର ଆବାଳବୃଦ୍ଧବନିତା ଉତ୍ସାହର ସହ ସାମିଲ ହୋଇ ଦେବଦମ୍ପତିଙ୍କ ବିବାହ ଉତ୍ସବକୁ ଏକ ନିଆରା ରୂପ ପ୍ରଦାନ କରିଥିଲେ।

ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ଷଷ୍ଠ ପୁଣ୍ୟତିଥି ପାଳିତ

ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୁବଗୋଷ୍ଠୀଙ୍କ ଉତ୍ସାହ

ବାଲେଶ୍ୱର,୧୮।୬ : ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ଜନପ୍ରିୟ ଜନନେତା ସ୍ୱର୍ଗତ ମଦନ ମୋହନ ଦତ୍ତ (ମଙ୍ଗୁ ଭାଇ)ଙ୍କ ଷଷ୍ଠ ପୁଣ୍ୟତିଥି ଅବସରରେ ବୁଧବାର ବାଲେଶ୍ୱରରେ ବିଭିନ୍ନ ସ୍ମୃତିଚାରଣ ଓ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସହରର ଓଟି ରୋଡ୍ ସ୍ଥିତ ଶୋଭାରାମପୁର ଛକରେ ଥିବା ସ୍ୱର୍ଗତ ଦତ୍ତଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗୁ ଭାଇ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ରେମୁଣା ବିଧାୟକ ଓ ରାଜ୍ୟ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୌରାଧକ୍ଷା ସବିତା ସାହୁ, ବାଲେଶ୍ୱର ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜିବ ଗିରି, ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ, ଓରିପ୍ଲାଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଜୟ କୁମାର ଡାଭେ, ଲାୟନ୍ସ କ୍ଲବ ସଭାପତି ଶିବୁ ପୋଦାର, ବ୍ୟବସାୟୀ ଭଗବାନ ଗୁପ୍ତା ଓ ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବକ୍ତାମାନେ ସ୍ୱର୍ଗତ ମଙ୍ଗୁ ଭାଇଙ୍କ ଜନସେବା, ରାଷ୍ଟ୍ରବାଦୀ ଚିନ୍ତାଧାରା ଏବଂ ସାଧାରଣ ଲୋକଙ୍କ ପ୍ରତି ତାଙ୍କ ଅସୀମ ଭଲପାଇବାକୁ ସ୍ମରଣ କରିଥିଲେ। ତୃଣମୂଳ ସ୍ତରର ଲୋକଙ୍କ ସେବା ଓ ସମସ୍ୟାର ସମାଧାନ ପ୍ରତି ତାଙ୍କର ନିଷ୍ଠା ତାଙ୍କୁ ଜନନେତାରେ ପରିଣତ କରିଥିବା ବେଳେ, ସେ କେବଳ ଜଣେ ରାଜନେତା ନୁହେଁ ବରଂ ସମସ୍ତଙ୍କ ପ୍ରିୟ "ମଙ୍ଗୁ ଭାଇ" ଭାବେ ପରିଚିତ ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ତାଙ୍କ ଆଦର୍ଶ ଓ ଜନସେବାର ଧାରାକୁ ଆଗେଇ ନେବାରେ ସଦର ବିଧାୟକ ମାନସ ଦତ୍ତ ସଫଳତାର ସହ କାର୍ଯ୍ୟ କରୁଥିବା ବକ୍ତାମାନେ କହିଥିଲେ ।ଏହି ଅବସରରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଏକାଧିକ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା। ସେହିପରି ଅର୍ଥାଭାବ ଯୋଗୁଁ ଶିକ୍ଷାଗ୍ରହଣରେ ସମସ୍ୟା ଭୋଗୁଥିବା ଜଣେ ଛାତ୍ରଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ମଧ ପ୍ରଦାନ କରାଯାଇଥିଲା।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati